ବର୍ଷ-୨୬, ସଂଖ୍ୟା-୧୩୦
ଭୁବନେଶ୍ୱର
୧୪, ମଇ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 130
Bhubaneswar
14 May, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


## ବିଧାନସଭାରେ ବହୁମତରେ ବିଜୟଙ୍କ ବିଜୟ

ଚେନ୍ନାଇ, ୧୩।୫: ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ବୁଧବାର ବିଧାନସଭାରେ ବହୁମତ ପ୍ରମାଣିତ କରିଛି। ଗୃହରେ ଡିଏମ୍‌କେ ସପକ୍ଷରେ ୧୪୪ ଭୋଟ ପଡିଥିବାବେଳେ, ୨୨ଟି ଭୋଟ ବିରୋଧରେ ପଡିଥିଲା। ୪ ପିଏମ୍‌କେ ଓ ଜଣେ ବିଜେପି ବିଧାୟକ ଭୋଟ ଦେଇନଥିଲେ ଓ ଡିଏମ୍‌କେ କକ୍ଷତ୍ୟାଗ କରିଥିଲେ।



କଂଗ୍ରେସ, ବାମ ଦଳ, ଭିସିକେ, ଆଇୟୁଏମ୍ଏଲ୍, ଏଏମ୍ଏମ୍‌କେ ବିଜୟଙ୍କୁ ସମର୍ଥନ କରିଥିଲେ। ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ ଓ ସିପିଆଇ ଉଭୟଙ୍କର ଦୁଇଜଣ ଲେଖାଏଁ ବିଧାୟକ ଅଛନ୍ତି। ଅମ୍ମା ମକ୍କଲ ମୁନେତ୍ର କାଝଗମ୍ (ଏଏମ୍ଏମ୍‌କେ) ର ଜଣେ ମାତ୍ର ବିଧାୟକ ବିଜୟଙ୍କୁ ସମର୍ଥନ କରିଥିବାରୁ ଦଳରୁ ବହିଷ୍କାର ହୋଇଛନ୍ତି। ଆସ୍ଥା ଭୋଟରେ ସେ ଟିଭିକେକୁ ସମର୍ଥନ କରିଛନ୍ତି। ଭିସିକେ ଓ ସିପିଆଇଏମ୍ ଉଭୟଙ୍କର ଦୁଇଜଣ ଲେଖାଏଁ ବିଧାୟକ ଅଛନ୍ତି ଓ ଉଭୟ ଟିଭିକେକୁ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ୫ ବିଧାୟକଙ୍କ ସମର୍ଥନ ଟିଭିକେ ପାଇଁ ରହିଥିବାରୁ ବିଜୟଙ୍କ ଦଳକୁ ସହଜରେ ବହୁମତ ପ୍ରମାଣିତ କରିପାରିଛି। ତାମିଲନାଡୁ ବିଧାନସଭାରେ ମୋଟ ଆସନ ସଂଖ୍ୟା ୨୩୪ ଥିବାବେଳେ ଟିଭିକେ ୧୪୪ ବିଧାୟକଙ୍କୁ ସମର୍ଥନ ପାଇ ଦୃଢ଼ ସରକାର ଗଠନ କରିଛନ୍ତି।

## ବିଭିନ୍ନ ରାଜ୍ୟକୁ ଲମ୍ବିଛି ନିଟ୍ ପ୍ରଶ୍ନପତ୍ର ଲିକ୍ ଚେର

ନୂଆଦିଲ୍ଲୀ, ୧୩।୫: ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ। ପ୍ରଶ୍ନପତ୍ର ଲିଙ୍କର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଥିବା ବେଳେ ରାଜସ୍ଥାନ ଏସ୍ଓଜି ଓ ସିବିଆଇ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଲାଗିଛନ୍ତି। ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ଏବେ ପୁଣେ ପର୍ଯ୍ୟନ୍ତ ପହଞ୍ଚିଛି ।ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କୁ ବାନ୍ଧିଲା ସିବିଆଇ।

ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ରାଜସ୍ଥାନର ଜାମୱା ରାମଗଡର ଦୁଇ ଭାଇ ମଙ୍ଗିଲାଲ ଓ ଦୀନେଶ ବିୱାଲ। ସେମାନେ ଚଳିତ ବର୍ଷର ନିଟ ୟୁଜି ପ୍ରଶ୍ନପତ୍ର ଗୁରୁଗ୍ରାମର ଜଣେ ଡାକ୍ତରଙ୍କ ଠାରୁ ୩୦ ଲକ୍ଷ ଟଙ୍କାରେ କିଣିଥିଲେ। ମେ' ୩ରେ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୬ରେ ସେମାନଙ୍କୁ ମିଳିଥିଲା ପ୍ରଶ୍ନପତ୍ର।

ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଲିକ ପ୍ରଶ୍ନପତ୍ରକୁ ସିକାରରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ନିଜ ପୁଅଙ୍କୁ ଦେଇଥିଲେ। ଏହାପରେ ଏପ୍ରିଲ ୨୯ରେ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ଜାମୱା ରାମଗଡ ଠାରୁ ସିକାର ଦୂରତା ପ୍ରାୟ ଅଇ ଘଣ୍ଟା। ଚଳିତ ବର୍ଷ ପ୍ରଶ୍ନପତ୍ର ଲିକର ପେଣ୍ଠସ୍ଥଳ ହେଉଛି ସିକାର।

ପ୍ରଶ୍ନପତ୍ର ଲିଙ୍କର ମୂଳରେ ଗୁରୁଗ୍ରାମର ଜଣେ ଡାକ୍ତର ରହିଛନ୍ତି। ଏହାପୂର୍ବରୁ ରାଜସ୍ଥାନ ପୁଲିସ କହିଥିଲା ଯେ ନାଶିକ ଥିବା ପ୍ରିଣ୍ଟିଂ ପ୍ରେସରୁ ହିଁ ପ୍ରଥମେ ପ୍ରଶ୍ନପତ୍ର ଲିକ ହୋଇଛି। ସେଠାରୁ ଗୋଟିଏ ଚେନ ନେଟୱର୍କ ଜରିଆରେ ଏହା ଗୁରୁଗ୍ରାମ ଡାକ୍ତରଙ୍କ ପାଖରେ ପହଞ୍ଚିଥିଲା। ସେହି ଡାକ୍ତରଙ୍କ ଠାରୁ ଦୁଇ ଭାଇ ପ୍ରଶ୍ନପତ୍ର କିଣିବା ପରେ ନିଜର ପରିବାର



ଲୋକ ଓ ଅନ୍ୟ ନିଟ ଆଶାୟୀଙ୍କୁ ଦେଇଥିଲେ।

ପୁଲିସ୍ ଏହା ଜାଣିବା ପରେ ଦୀନେଶ ଓ ମଙ୍ଗିଲାଲଙ୍କୁ ଗିରଫ କରିଛି। ଅଧିକ ଯାଞ୍ଚରୁ ଜଣାପଡିଛି ଯେ ଦିନେଶଙ୍କ ଲିକ ରାଜସ୍ଥାନର କ୍ଷମତାସୀନ ବିଜେପି ସହ ରହିଛି। ସେ ନିଜକୁ ବିଜେପି ନେତା କହି ବିଭିନ୍ନ ସ୍ଥାନରେ ମାରିଥିବା ପୋଷ୍ଟର ସାମ୍ନାକୁ ଆସିଛି। ସେହିପରି ବିଜେପିର ବିଭିନ୍ନ ନେତା ଓ ମନ୍ତ୍ରୀଙ୍କ ସହ ଉଠାଇଥିବା ଫଟୋ ମଧ୍ୟ ବେଶ ଭାଇରାଲ ହେବାରେ ଲାଗିଛି।

ରାଜସ୍ଥାନରେ ଦୀନେଶ ଜଣେ ବିଜେପି ନେତା ଭାବେ ପରିଚିତ ବୋଲି ବିରୋଧୀ ଦଳଗୁଡିକ ବି କହିଛନ୍ତି। ସେମାନେ ପ୍ରଶ୍ନପତ୍ର ସହ ବିଜେପି ଲିଙ୍କ ଥିବା କହିବାରେ ଲାଗିଛନ୍ତି। କିନ୍ତୁ ଦୀନେଶ ବାସ୍ତବରେ ବିଜେପି ନେତା କି ନୁହେଁ, ସେକଥା ଦଳ ପକ୍ଷରୁ କୁହାଯାଇ ନାହିଁ।

ସୂତ୍ର ଅନୁସାରେ, ଦୀନେଶଙ୍କ ପରିବାରର ୪ ଜଣ ପିଲା ଗତବର୍ଷ ନିଟ ପରୀକ୍ଷାରେ କୃର୍ତକାର୍ଯ୍ୟ ହାସଲ କରିଥିଲେ। ଏବେ ବି ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କ ପୁଅ ନିଟ ପାଇଁ ପ୍ରସ୍ତୁତ ହେଉଛନ୍ତି।

ପ୍ରଶ୍ନପତ୍ର ଲିକର ଖେଳ ମହାରାଷ୍ଟ୍ରର ନାଶିକରୁ ଆରମ୍ଭ ହୋଇଥିଲା। ନାଶିକରେ ହିଁ ପ୍ରଶ୍ନପତ୍ରର ପ୍ରଥମ ଡିଜିଟାଲ କପି ସାମ୍ନାକୁ ଆସିଥିଲା। ଏହି ଘଟଣାରେ ସିବିଆଇ ନାଶିକର ଶୁଭମ ଖୈରନାର ନାମକ ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ଲିକ ପ୍ରଶ୍ନପତ୍ରକୁ ପୁଣେରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କାରେ କିଣିଥିଲେ ।ଏହାପରେ ପ୍ରଶ୍ନପତ୍ରକୁ ୫ ଲକ୍ଷ ଲାଭରେ ଅର୍ଥାତ ୧୫ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ମହାରାଷ୍ଟ୍ରରୁ ଆରମ୍ଭ ହୋଇଥିବା ପ୍ରଶ୍ନପତ୍ର ଲିକ ଶେଷରେ ହରିୟାଣାର ଗୁରୁଗ୍ରାମ, ରାଜସ୍ଥାନର ଜୟପୁର, ସିକାର, ଜମ୍ମୁ-କଶ୍ମୀର, ବିହାର ଓ କେରଳ ଯାଏ ଲମ୍ବିଛି। ୩୦ ବର୍ଷୀୟ ଶୁଭମ ହେଉଛନ୍ତି ନାଶିକର ଇନ୍ଦିରାନଗର ଅଞ୍ଚଳର ମୂଳବାସିନ୍ଦା। ସେ ଆୟୁର୍ବେଦିକ ମେଡିସିନ ଓ ସର୍ଜରୀର ଛାତ୍ର। ସେ ଲିକ ହୋଇଥିବା ନିଟ ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପୁଣେରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କାରେ କିଣିଥିଲେ। ଏହାପରେ ହରିୟାଣାର ଜଣେ ବ୍ୟକ୍ତିଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ପ୍ରଶ୍ନପତ୍ର ଗୋଟିଏ ନିର୍ଦ୍ଦିଷ୍ଟ ମେସିଜିଂ ଆପ ଜରିଆରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡର ଗାଡିସଂଖ୍ୟା ଅଧା ହେଲା

ଭୁବନେଶ୍ୱର, ୧୩।୫ (ମହାଭାରତ): ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ



ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ କରି ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ଗୁଡିକୁ କମ୍ କରି ଅଧା କରିଦେଇଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କେବଳ ଆବଶ୍ୟକ ସ୍ଥଳରେ ଗାଡି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ସୁନା କିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଭୁବନେଶ୍ୱରରେ ଲଜ୍ଜା : ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ଭୁବନେଶ୍ୱର, ୧୩।୫ : ରାଜଧାନୀ ଭୁବନେଶ୍ୱରରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଇନ୍‌ଫୋଭ୍ୟାଲି ଥାନା ପୁଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଛାତ୍ରୀଙ୍କ ପୁରୁଷ ବନ୍ଧୁ ଓ ତାଙ୍କର ୩ ଜଣ ସାଙ୍ଗ ରହିଛନ୍ତି। ଛାତ୍ରୀ ଜଣଙ୍କ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ନ୍ତି। ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ରୁମ୍‌ରେ ଗଣ ଦୁଷ୍କର୍ମ କରାଯାଇଛି। ତାଙ୍କ ପୁରୁଷ ବନ୍ଧୁ ଇନଫୋଭ୍ୟାଲି ଥାନା କାଇମାଟିଆରେ ଏକ ଘରୋଇ ମେସ୍‌ରେ ରହନ୍ତି। ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁ ନିଜ ରୁମ୍‌କୁ ଡାକିଥିଲେ। ଛାତ୍ରୀ ଜଣଙ୍କ ସେଠାରେ ଥିବା ବେଳେ ତାଙ୍କ ପୁରୁଷ ବନ୍ଧୁ ଓ ଅନ୍ୟ ତିନି ଜଣ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଇନଫୋଭ୍ୟାଲି ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ପୁଲିସ ତନାଘନା କରିଛି। ଘଟଣାସ୍ଥଳରେ ଯାଞ୍ଚ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ମଧ୍ୟ ସାହାଯ୍ୟ ନେଇଥିଲା ପୁଲିସ। ଘଟଣାସ୍ଥଳକୁ କମିଶନରେଟ୍ ପୋଲିସ ସହ ବୈଜ୍ଞାନିକ ଟିମ୍ ? ମଧ୍ୟ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତମାନଙ୍କୁ ପଚରାଉଚରା ଚାଲିଥିବା ବେଳେ, କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ସେନେଇ ପୋଲିସ ତଦନ୍ତ କରୁଛି। ରାଜଧାନୀରେ ଏପରି ଘଟଣା ପୁଣିଥରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।



## ପ୍ରକାଶ ପାଇଲା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ

## ପାସ୍ ହାର ୩% କମିଲା, ସମସ୍ତ ଟ୍ରାନ୍ସଜେଣ୍ଡର ପାସ୍

ନୂଆଦିଲ୍ଲୀ, ୧୩।୫ (ମହାଭାରତ.): ପ୍ରକାଶ ପାଇଛି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ। ଚଳିତ ବର୍ଷ ପ୍ରାୟ ୧୮ ଲକ୍ଷ ଶିକ୍ଷାର୍ଥୀ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଏବେ ସେମାନେ results.cbse.nic.in, ଡିଜିଲକର୍ ଓ ଉମଙ୍ଗ ଆପ୍‌ରେ ନିଜର ରେଜଲ୍ଟ ଦେଖିପାରିବେ। ଚଳିତ ବର୍ଷ ପାସ ହାର ୮୫.୨୦% ରହିଛି। ଏହା ଗତବର୍ଷ ତୁଳନାରେ ୩.୧୯% କମ। ଗତବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ପାସ ହାର ୮୮.୩୯% ରହିଥିଲା। ଅର୍ଥାତ ଏଥର ପାସ ହାର କମି ଯାଇଛି। ୨୦୨୬ରେ ପୁଣି ଥରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ।



ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ମୋଟ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୮୨.୧୩% ରହିଛି। ଚଳିତ ବର୍ଷ ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି। ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୯୪,୦୨୮।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ତୃତୀୟ ଲିଙ୍ଗ ଶିକ୍ଷାର୍ଥୀ କୃର୍ତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ସେମାନଙ୍କ ପାସ ହାର ୧୦୦% ରହିଛି। ରିଜନ ସ୍ତରରେ ପରୀକ୍ଷା ରେଜଲ୍ଟକୁ ବିଚାର କଲେ ସବୁ ଥର ଭଳି ଏଥର ମଧ୍ୟ ତ୍ରିବେନ୍ଦ୍ରମ ୧ନଂରେ ରହିଛି। ଏହି ରିଜନରେ ପାସ୍ ହାର ରେକର୍ଡ ୯୫,୬୨% ରହିଛି। ଏହା ପଛକୁ ଚେନ୍ନାଇରେ ପାସ ହାର ୯୩.୮୪%, ବେଙ୍ଗାଲୁରୁରେ ୯୩.୧୯%, ଦିଲ୍ଲୀ ୱେଷ୍ଟରେ ୯୨.୩୪%, ଦିଲ୍ଲୀ ଇଷ୍ଟରରେ ୯୧.୭୩% ପିଲା ପାସ୍ କରିଛନ୍ତି। ସବୁଠାରୁ କମ ପିଲା ପାସ କରିଥିବା ରିଜନ ହେଉଛି ପ୍ରୟାଗରାଜ। ଏଠାରେ ପାସ ହାର ମାତ୍ର ୭୨.୪୩% ରହିଛି। ସେହିପରି ଭୁବନେଶ୍ୱର ରିଜନରେ ପାସ ହାର ୮୧.୭୧% ରହିଥିବା ବେଳେ ଲକ୍ଷ୍ନୌରେ ପାସ ହାର ହେଉଛି ୮୫୧.୦୧%।

ବିଦେଶ ସ୍କୁଲରେ ପାସ ହାର ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶ ସ୍କୁଲରେ ପାସ ହାର ଅତ୍ୟନ୍ତ ନିରାଶ କରିଛି। ୨୦୨୫ରେ ବିଦେଶ ସ୍କୁଲରେ ପାସ ହାର ୯୫.୦୧% ରହିଥିଲା। କିନ୍ତୁ ଚଳିତ ବର୍ଷ ପାସ ହାର ୯୦.୫୦%କୁ ଖସି ଆସିଛି। ବିଦେଶ ସ୍କୁଲର ୨୪,୦୪୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୪,୦୦୯ ଜଣ ପରୀକ୍ଷା ଦେଇଥିଲେ। ଏବେ ୨୧,୭୨୮ ଜଣ ପିଲା ପାସ କରିଛନ୍ତି। ଅର୍ଥାତ ପାସ ହାର ୯୦.୫୦% ରହିଛି।

**ଭୁବନେଶ୍ୱର ରିଜନରେ ପାସ ହାର ୮୧.୭୧%**

### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୧୩।୫ : ଆଜି ପ୍ରକାଶ ପାଇଛି ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ। ରେଜଲ୍ଟ ଆସିବ ପରେ ସଫଳତାର ଖୁସିରେ ଭାସୁଛନ୍ତି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଜ ସୋସିଆଲ ମିଡିଆ 'ଢ' ରେ ପୋଷ୍ଟ କରି କହିଛନ୍ତି ଯେ, ପରୀକ୍ଷାର ଫଳାଫଳ ଯାହା ହେଉଥାଉ, ପ୍ରତ୍ୟେକ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ସହ ଜୀବନର ପ୍ରତ୍ୟେକ ଆହ୍ୱାନକୁ ସାମ୍ନା କରି ଆଗକୁ ବଢ଼ିବା ଦରକାର। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଏହି ପ୍ରତିଭାବାନ ଯୁବପିଢ଼ି ଆସନ୍ତାକାଲିର ସମୃଦ୍ଧ ଓଡ଼ିଶା ଗଢ଼ିବାର ସାରଥୀ ହେବେ। ସେ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଓ ପ୍ରଗତିଶୀଳ ଭବିଷ୍ୟତ ପାଇଁ କାମନା କରିଛନ୍ତି।

## ଜାତୀୟସ୍ତରଠୁ ଓଡ଼ିଶାରେ ମୁଦ୍ରାସ୍ଫୀତି କମ୍

ନୂଆଦିଲ୍ଲୀ, ୧୩।୦୫ : ଆମେରିକା-ଇରାନ ଯୁଦ୍ଧ ସ୍ଥିତିରେ ବିଭିନ୍ନ ସାମଗ୍ରୀ ଦର ଉପର ମୁହାଁ । ଏପ୍ରିଲ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୩.୪୮% ଛୁଇଁଛି। ଏହା ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ତର ନିକଟତର ହୋଇଛି। ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୩.୭୪%କୁ ବଢ଼ିଥିବା ବେଳେ ସହରାଞ୍ଚଳରେ ଏହା ୩.୧୬% ରହିଛି। ଓଡିଶାରେ ମୁଦ୍ରାସ୍ଫୀତି ୩.୪୪% ରହିଛି।

ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏହା ଯଥାକ୍ରମେ ୩.୬୪% ଏବଂ ୨.୮୯% ସ୍ତରରେ ରହିଛି ।ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ଦେଖିଲେ ଏହା ୩୫.୨୮%, ଶୁଖା ନଡିଆ ୪୪.୫୫%, ସୂର୍ଯ୍ୟମୁଖୀ ୨୫.୫୮% ସ୍ତରରେ ରହିଛି। ରୁପା ଗହଣା କ୍ଷେତ୍ରରେ ମୁଦ୍ରାସ୍ଫୀତି ୧୪୪.୩୪% ବଢ଼ିଛି। ସୁନା, ହୀରା ଏବଂ ପ୍ଲାଟିନମ ଗହଣା କ୍ଷେତ୍ରରେ ଏହା ୪୦.୭୨%। ଆଳୁ କ୍ଷେତ୍ରରେ ମୁଦ୍ରାସ୍ଫୀତି ବିୟୁକ୍ତ ୨୩.୬୯%, ପିଆଜ ବିୟୁକ୍ତ ୧୭.୬୮%, ମୋଟରକାର ବିୟୁକ୍ତ ୭.୧୨%, ଏସି ବିୟୁକ୍ତ ୫.୦୬% ସ୍ତରରେ ରହିଛି। ପିଏଚଡି ସିସିଆଇର ସଭାପତି ସଞ୍ଜୀବ ଜୁନେଜା କହିଛନ୍ତି, ବିଭିନ୍ନ ସାମଗ୍ରୀକୁ ଦେଖିଲେ, ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାରକୁ ବଢ଼ିଥିଲେ ମଧ୍ୟ ପରିବହନ ବର୍ଗରେ ମୁଦ୍ରାସ୍ଫୀତି ବଢ଼ିନାହିଁ । ପେଟ୍ରୋଲ-ଡିଜେଲ ରିଟେଲ ଦର ବୃଦ୍ଧି ହୋଇ ନ ଥିବାରୁ ଏ କ୍ଷେତ୍ରରେ ମୁଦ୍ରାସ୍ଫୀତି ଚାପ କମିଛି । ଅନ୍ୟପଟେ କିଛି କ୍ଷେତ୍ରରେ ଖାଦ୍ୟ ସାମଗ୍ରୀ ଦର ଉପର ମୁହାଁ ହୋଇଛି ।

## ଉତ୍ତରପ୍ରଦେଶରେ ହେବ ଅଦିନିଆ ରଥଯାତ୍ରା

ପୁରୀ, ୧୩/୦୫: ଇସ୍କନ ଠାରୁ ଦେଖି ଏବେ ଅନ୍ୟ ସ୍ଥାନରେ ଜଗନ୍ନାଥ ମନ୍ଦିର କରିଥିବା ବିଭିନ୍ନ ସଂସ୍ଥା ମଧ୍ୟ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ପାଳନ ଆରମ୍ଭ କରିଛନ୍ତି । ଉତ୍ତରପ୍ରଦେଶର ହାପୁରରେ ହେବ ଅଦିନିଆ ରଥଯାତ୍ରା । ଏହାକୁ ଇସ୍କନ ନୁହେଁ ବରଂ ଉତ୍ତରପ୍ରଦେଶର ଏକ ସଂସ୍ଥା ଆୟୋଜନ କରୁଛି । ୩୧ ମେ'ରେ ନୌକା ବିହାର, ୧୩ ଜୁନ୍‌ରେ ନେତ୍ରୋତ୍ସବ, ୧୪ ଜୁନ୍‌ରୁ ରଥଯାତ୍ରା ମହୋତ୍ସବ ଆୟୋଜନ ନେଇ ଇନ୍‌ଷ୍ଟା ଆକାଉଣ୍ଟରେ ସମ୍ପୃକ୍ତ ସଂସ୍ଥା ପୋଷ୍ଟ କରିଛି । ହାପୁରରେ ଥିବା ଜଗନ୍ନାଥ ରଥଯାତ୍ରା ସେବା ସମିତି ଏହି ଉତ୍ସବ ଆୟୋଜନ କରୁଥିବା ସୂଚନା ଦେଇଛି । ଏହା ଜଣାପଡିବା ପରେ ଭକ୍ତ, ସେବାୟତ ଓ ଶ୍ରୀଜଗନ୍ନାଥ ସଂସ୍କୃତି



ଗବେଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଏନେଇ ବରିଷ୍ଠ ସେବାୟତ ସୁନୀଲ ପୂଜାପଣ୍ଡା କହିଛନ୍ତି, କେଉଁ ତିଥିରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ ହେବ ସେନେଇ ସ୍ୱୟଂ ଶ୍ରୀଜଗନ୍ନାଥ ନିର୍ଦ୍ଦେଶ ଦେଇଛନ୍ତି । ଏହା ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ବର୍ଣ୍ଣିତ । ଜଗନ୍ନାଥ ମନ୍ଦିର କରିଥିବା ଲୋକେ ଓ ସଂସ୍ଥା ଏହା ଜାଣିବା ଜରୁରି । ବ୍ୟାବସାୟିକ ମନୋବୃତ୍ତି ରଖି ତଥା ମନଇଚ୍ଛା ପର୍ବ ପାଳନ କରିବା ଉଚିତ୍ ନୁହେଁ । ଅଦିନରେ ମହାପ୍ରଭୁଙ୍କ ପର୍ବପାଳନ ସଂସ୍କୃତିକୁ ନଷ୍ଟ କରୁଛି । ତେଣୁ ଶ୍ରୀମନ୍ଦିର ଭଳି ନିର୍ଦ୍ଧାରିତ ଦିନରେ ସମସ୍ତ ଯାନିଯାତ୍ରା ପାଳନ କରିବା ବିଧେୟ । ଏହାକୁ ଇସ୍କନ ଓ ଅନ୍ୟସଂସ୍ଥା ମାନିବା ଉଚିତ୍ ବୋଲି ଶ୍ରୀ ପୂଜାପଣ୍ଡା କହିଛନ୍ତ।

## ଓଡିଶା ବାହାରକୁ ଯାଉଛି ଅଧିକ କୋଇଲା

ଭୁବନେଶ୍ୱର, ୧୩।୫: ଓଡିଶାର କୋଇଲା ଖଣିଗୁଡିକରୁ ଯେତିକି କୋଇଲା ଖୋଳାଯାଉଛି ତାହାର ସିଂହଭାଗ ରାଜ୍ୟ ବାହାରକୁ ଯାଉଛି । ରାଜ୍ୟ ଭିତରେ ବ୍ୟବହାର ହେଉଥିବା କୋଇଲା ତୁଳନାରେ ରାଜ୍ୟ ବାହାରକୁ ଯାଉଥିବା କୋଇଲାର ପରିମାଣ ଅଧିକ ରହୁଛି। ରାଜ୍ୟର ପ୍ରମୁଖ କୋଇଲା ଖଣିର ଉତ୍ତୋଳନ ଓ ବ୍ୟବହାରକୁ ଅନୁଧ୍ୟାନ କଲେ ଏହା ଦେଖିବାକୁ ମିଳୁଛି । ୪୩୧ ହେକ୍ଟର ଅଞ୍ଚଳରେ ଥିବା ବସୁନ୍ଧରା କୋଇଲା ଖଣିରୁ କୋଇଲା ଉତ୍ତୋଳନ କରୁଛି ଏମସିଏଲ୍ । ଗତ ଆର୍ଥିକ ବର୍ଷରେ ଫେବୃଆରୀ ସୁଦ୍ଧା ଏମସିଏଲ ଉତ୍ତୋଳନ କରିଥିବା କୋଇଲାରରୁ ୩୮,୫୦୮ ନିୟୁତ ଟନ୍ ରାଜ୍ୟ ଭିତରେ ବ୍ୟବହାର ହୋଇଥିବାବେଳେ ରାଜ୍ୟ ବାହାରକୁ ୫୦ହଜାର ନିୟୁତ ଟନ୍‌ରୁ ଅଧିକ କୋଇଲା ଯାଇଛି । ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ମଧ୍ୟ ଅନୁରୂପ କୋଇଲା ବ୍ୟବହାର ଦେଖିବାକୁ ମିଳିଥିଲା ।

ଅନ୍ୟକୋଇଲା ଖଣିଗୁଡିକ ମଧ୍ୟରେ କୁଲଦା, ଗର୍ଜନବାହାଲ, ସିଆମାଳ ଆଦି ଖଣିରୁ ଏମସିଏଲ୍ କୋଇଲା ଉତ୍ତୋଳନ କରୁଥିବାବେଳେ ଡୁଲୁଙ୍ଗାରୁ ଏନଟିପିସି, ମନୋହରପୁରର ଓସିପିଏଲ୍ ଓ ଜାମଖାନିରୁ ବେଦାନ୍ତ କୋଇଲା ଉତ୍ତୋଳନ କରୁଛି। ଏମସିଏଲ୍ ଉତ୍ତୋଳନ କରୁଥିବା କୋଇଲା ମଧ୍ୟରୁ ରାଜ୍ୟ ଭିତରେ ଯେତିକି ବ୍ୟବହାର ହେଉଛି ତାହାଠାରୁ ଅଧିକ ରାଜ୍ୟ ବାହାରକୁ ଯାଉଛି ।



ତେବେ ଏନଟିପିସି ଓ ବେଦାନ୍ତ ଯେତିକି ପରିମାଣର କୋଇଲା ଉତ୍ତୋଳନ କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ଭାବେ ରାଜ ଭିତରେ ବ୍ୟବହାର କରୁଛନ୍ତି । ୨୦୨୫-୨୬ରେ ଏନଟିପିସି ଡୁଲାଙ୍ଗ କୋଇଲା ଖଣିରୁ ୬ଲକ୍ଷ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ କରିଥାବବେଳେ ବେଦାନ୍ତ ଜାମଖାନିରୁ ପାଖପାଖି ୨ଲକ୍ଷ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଛି । ତେବେ ଓଡିଶା ସରକାରଙ୍କ ନିୟନ୍ତ୍ରଣାଧିନ ଓସିପିଏଲ୍ ମନୋହରପୁର କୋଇଲା ଖଣିରୁ ଯେତିକି କୋଇଲା ଉତ୍ତୋଳନ କରିଛି ସେଥିରୁ ୧୯ଲକ୍ଷ ଟନ୍ କୋଇଲା ରାଜ୍ୟ ବାହାରକୁ ପଠାଇଛି ।

ଏମାନଙ୍କ ବ୍ୟତିତ ନାଲ୍‌କୋ, ଜେଏସପିଏଲ୍, ଏନଏଲସି ଆଦିକୁ ବି ରାଜ୍ୟରେ ବିଭିନ୍ନ କୋଇଲା ଖଣି ଆବଣ୍ଟନ କରାଯାଇଛି । ରାଜ୍ୟରେ ମୋଟ୍ ୩୮ଟି କୋଇଲା ବ୍ଲକ ବଳବତ୍ତର ଥିବାବେଳେ ଏଥିରୁ ୨୮ଟି କାର୍ଯ୍ୟକ୍ଷମ ରହିଛି । ଓଡିଶାରୁ ଉତ୍ପାଦିତ କୋଇଲା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହାର ହେଉଥିବାବେଳେ ଉତ୍ତୋଳନ କରୁଥିବା ରାଷ୍ଟ୍ରାୟତ ଓ ଘରୋଇ କମ୍ପାନୀଗୁଡିକ ଏହାକୁ ରାଜ୍ୟ ଭିତରେ ଥିବା ନିଜ ନିଜ ତାପଜ କେନ୍ଦ୍ରରେ ବ୍ୟବହାର କରିବା ସହିତ ରାଜ୍ୟ ବାହାରେ ଥିବା ତାପଜ କେନ୍ଦ୍ରରେ ବ୍ୟବହାର ପାଇଁ ମଧ୍ୟ ପଠାଉଛନ୍ତି ।

ରାଜ୍ୟରେ ଯେତେସବୁ କୋଇଲା ଖଣିରୁ ବର୍ତ୍ତମାନ ଉତ୍ତୋଳନ ଜାରି ରହିଛି ସେଥିରୁ ଅଧିକାଂଶ ଅନୁଗୁଳ, ଝାରସୁଗୁଡା, ସୁନ୍ଦରଗଡ ଆଦି ଜିଲ୍ଲାରେ ରହିଛି । ଏଠାରେ ଉତ୍ତୋଳିତ ହେଉଥିବା କୋଇଲାର ସିଂହଭାଗ ଦାୟିତ୍ୱ ଏମସିଏଲ୍ ହାତରେ ରହିଥିବାବେଳେ ରାଷ୍ଟ୍ରାୟତ ସଂସ୍ଥା ଏନଟିପିସି ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ଓସିପିଏଲ୍ ମଧ୍ୟ କୋଇଲା ଉତ୍ତୋଳନ କରୁଛନ୍ତି ।

## ୨୦ରେ ରାଜ୍ୟରେ ବନ୍ଦ ରହିବ ଔଷଧ ଦୋକାନ

ଭୁବନେଶ୍ୱର, ୧୩/୦୫ : ଅନଲାଇନ୍ ରେ ଔଷଧ ମିଳିବାକୁ ବିରୋଧ। ପ୍ରତିବାଦରେ ଆସନ୍ତା ୨୦ରେ ରାଜ୍ୟରେ ବନ୍ଦ ରହିବ ଔଷଧ ଦୋକାନ। ଏନେଇ ଏକ ପ୍ରେସବିବୃତ୍ତି ଜରିଆରେ ସୂଚନା ଦେଇଛି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍।

ଆସୋସିଏସନର ସାଧାରଣ ସଭାପତି ପି ସତ୍ୟନାରାୟଣ ଓ ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି ଯେ, ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନରେ ୩୦ହଜାର ଔଷଧ ବ୍ୟବସାୟୀ ଅଛନ୍ତି। ସେମାନଙ୍କ ଯୋଗୁ ଅଢେଇ ଲକ୍ଷ ପରିବାର ପ୍ରତିପୋଷଣ ହେଉଛି । ଗୋଟିଏ ପଟେ ଅନଲାଇନ୍‌ରେ ଔଷଧ କାରବାର ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ଔଷଧ ଦୋକାନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାମ ବନ୍ଦ ହେବାକୁ ବସିଛି। ଅନଲାଇନରେ ଡ୍ରଗ୍ସ ଓ କସମେଟିକ୍ ବ୍ୟବସାୟ ଆଇନସମ୍ମତ ନୁହେଁ । ତଥାପି କେହି ଏଦିଗରେ ସଚେତନ ନୁହନ୍ତି। ଏହାର ପ୍ରତିବାଦ ସ୍ୱରୂପ ଆସନ୍ତା ୨୦ରେ ସମସ୍ତ ଔଷଧ ଦୋକାନ ବନ୍ଦ ପାଇଁ ଆସୋସିଏସନ ନିଷ୍ପତ୍ତି ନେଇଛି।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ଖବର .....

## ଝିଅର ନାମ ରିଭିଲ କଲେ ମୁନାୱ୍ୱର ଫାରୁକି







ଷ୍ଟାଣ୍ଡ-ଅପ୍ କମେଡିଆନ ମୁନାୱ୍ୱର ଫାରୁକି ଏବଂ ତାଙ୍କ ପତ୍ନୀ ମହଜବୀନ ଫାରୁକି ନିକଟରେ ପିତାମାତା ହୋଇଛନ୍ତି । ଏହି ଦମ୍ପତି ଏକ କନ୍ୟା ସନ୍ତାନକୁ ସ୍ୱାଗତ କରିଛନ୍ତି । ଏହାରି ମଧ୍ୟରେ ସେମାନେ ସେମାନଙ୍କର କନ୍ୟା ସନ୍ତାନର ନାଁ ପ୍ରକାଶ କରିଛନ୍ତି । ମୁନାୱ୍ୱର ଫାରୁକି ଏବଂ ତାଙ୍କ ପତ୍ନୀ ମହଜବୀନ୍ ମେ ୧ ତାରିଖରେ ସେମାନଙ୍କ ଝିଅକୁ ସ୍ୱାଗତ କରିଥିଲେ । ଏହି ଦମ୍ପତି ସୋସିଆଲ ମିଡିଆରେ ପ୍ରଶଂସକମାନଙ୍କ ସହ ଏହି ଖୁସି ଖବର ମଧ୍ୟ ସେୟାର କରିଥିଲେ । କିନ୍ତୁ ଆଜି ମୁନାୱ୍ୱର ଫାରୁକିଙ୍କ ପ୍ତ୍ନୀ ମହଜବୀନ ଫାରୁକି ଇନଷ୍ଟାଗ୍ରାମରେ ତାଙ୍କ ଝିଅ ସହିତ ଅନେକ ଫଟୋ ସେୟାର କରିଛନ୍ତି । ହେଲେ ସେ ଫଟୋଗୁଡ଼ିକରେ ତାଙ୍କ ଝିଅର ମୁହଁ ରିଭିଲ କରିନାହାଁନ୍ତି ।ମୁନାୱ୍ୱର ଏବଂ ମହଜବୀନ ସେମାନଙ୍କ ଝିଅର ନାମ ବରିରାହ ମୁନାୱ୍ୱର ଫାରୁକି ରଖିଛନ୍ତି । ଦମ୍ପତି ଏହାର ଅର୍ଥ ମଧ୍ୟ ପ୍ରକାଶ କରିଛନ୍ତି । ଫଟୋଗୁଡ଼ିକ ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି ଆଲହାମଦୁଲିଲ୍ଲାହ ୧ ମେ ୨୦୨୬ରେ ଆମକୁ ଏକ ଝିଅ ରୂପରେ ଏକ ସୁନ୍ଦର ଉପହାର ମିଳିଥିଲା । ଆମେ ତାଙ୍କର ନାମ ବରିରାହ ମୁନାୱ୍ୱର ଫାରୁକି ରଖିଛୁ । ଏହି ନାମ ପବିତ୍ରତା ଏବଂ ଧାର୍ମିକତାର ପ୍ରତୀକ । ଏଥିସହ ତାଙ୍କର ଏହି ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସେଲିବ୍ରିଟିମାନେ ଫଟୋଗୁଡ଼ିକ ଉପରେ ପ୍ରେମର ବର୍ଷା କରୁଛନ୍ତି । ସାନା ମକବୁଲ ମାଶାଲ୍ଲାହ !, ଲେଖିଥିବାବେଳେ ମାହି ଭିଜ୍ ଲେଖିଛନ୍ତି ମାଇଁ ଲଭ୍ ।ରିପୋର୍ଟ ଅନୁସାରେ, ଏହି ଦମ୍ପତି ତାଙ୍କ ଝିଅକୁ ସ୍ୱାଗତ କରିବା ସହ ଖୁସିକୁ ପାଳନ କରିବା ପାଇଁ ମୁମ୍ବାଇରେ ପାର୍ଟିରେ ଆୟୋଜନ କରିଥିଲେ । ଯେଉଁଥିରେ କେବଳ ନିକଟତର ପରିବାର ସଦସ୍ୟମାନେ ସାମିଲ ହୋଇଥିଲେ। ମୁନାୱ୍ୱରଙ୍କ ପୁଅ ମିଖାଇଲ ଏବଂ ମହଜବୀନଙ୍କ ବଡ଼ ଝିଅ, ତାଙ୍କ ସାନ ଭଉଣୀଙ୍କ ସହିତ, ସମସ୍ତେ ବହୁତ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା ।

## ରାମାୟଣ : ଭରତଙ୍କ ସ୍ୱପ୍ନ

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୭ ବର୍ଷ ହୋଇଥିଲା । ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।



## ଜାଣନ୍ତୁ ଲବଙ୍ଗ ଏବଂ ସେଓ ଖାଇବାର ଫାଇଦା

ସେଓ ଖାଇବାର ଅନେକ ଲାଭକାରୀ ଗୁଣ ରହିଛି । କିନ୍ତୁ ଆପଣ ସେଓ ସହିତ କେବେ ଲବଙ୍ଗ ମିଶାଇ ଖାଇଛନ୍ତି କି ? ଯଦି କେହି ଖାଇନାହାଁନ୍ତି ତେବେ ଥରେ ନିଶ୍ଚିନ୍ତ ଖାଇବାକୁ ଚେଷ୍ଟା କରନ୍ତୁ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥିବା ସହ ମାଇଗ୍ରେନ ଆକ୍ରମଣରୁ ରକ୍ଷା କରିଥାଏ ।ମାଇଗ୍ରେନର ଯନ୍ତ୍ରଣା ବହୁତ ତୀବ୍ର ହୋଇଥାଏ । ଯେଉଁ କାରଣରୁ କିଛି ଲୋକଙ୍କର ବାନ୍ତି ମଧ୍ୟ ହୋଇଯାଏ ।ଯନ୍ତ୍ରଣା ହେତୁ ମୁଣ୍ଡ ବିନ୍ଧା ପ୍ରବଳ ହୋଇଥାଏ । ଏପରି ପରିସ୍ଥିତିରେ ବିନା ଔଷଧରେ ଏଥିରୁ ଆରାମ ମିଳି ନଥାଏ । ଯଦି ଆପଣ ମାଇଗ୍ରେନ୍ ରୋଗରେ ଆକ୍ରାନ୍ତ, ତେବେ ଆପଣଙ୍କୁ ସେଓ ଖାଇବାର ଉପାୟ ବଦଳାଇବା ଆବଶ୍ୟକ । ଲବଙ୍ଗ ସହିତ ସେଓ ଖାଇବା ଦ୍ୱାରା ମାଇଗ୍ରେନ୍ ଆକ୍ରମଣରୁ ରକ୍ଷା ମିଳିଥାଏ ଯ କେବଳ ଏତିକି ନୁହେଁ,





ଏହା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ଦୂର କରିଥାଏ ।ସେଓ ସହିତ ଲବଙ୍ଗ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ । ତେବେ ଏହାକୁ ଖାଇବାର ସଠିକ୍ ଉପାୟ କ'ଣ ଜାଣନ୍ତୁ ।ଡାକ୍ତର କହିଛନ୍ତି ଯେ, ଯେଉଁମାନଙ୍କର ମାଇଗ୍ରେନ୍ ଏବଂ ପେଟ ସମସ୍ୟା ଅଛି, ସେମାନେ କ'ଣ କରିବା ଉଚିତ । ଗୋଟିଏ ସେଓ ନିଅନ୍ତୁ ଏବଂ ଏହାକୁ ଧୋଇ ଦିଅନ୍ତୁ । ଏବେ ଏକ ଟୁଥପିକ୍ ସାହାଯ୍ୟରେ ସେଓରେ ୫ଟି ଛୋଟ ଗାତ କରନ୍ତୁ । ଏବେ ସେଓରେ କରିଥିବା ଗାତରେ ଲବଙ୍ଗ ଭର୍ତ୍ତି କରନ୍ତୁ ।ରାତିସାରା ସେଓକୁ ଏହିପରି ଭାବେ ଛାଡି ଦିଅନ୍ତୁ । ସକାଳେ ସେଓରୁ ଲବଙ୍ଗ ବାହାର କରି ଏହାକୁ ନ କାଟି ଚୋବାଇ ଖାଆନ୍ତୁ । ଯଦି ଆପଣ ୧୫ ଦିନ ପର୍ଯ୍ୟନ୍ତ ଏପରି ସେଓ ଖାଆନ୍ତି ତେବେ ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ। ଏହା ଶ୍ୱାସକ୍ରିୟା, ମାଇଗ୍ରେନ୍ ଆକ୍ରମଣ ଏବଂ ସାଧାରଣ ମୁଣ୍ଡବିନ୍ଧା ସମସ୍ୟାରୁ ଦୂର କରିବଯ ତେବେ ଏହାର ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା ।ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ଯାହା ଶରୀର ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସେଓକୁ ଆମ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ । ଏହା ସହିତ ପାଚନ କ୍ରିୟାକୁ ଉତ୍ତମ କରିବାରେ ମଧ୍ୟ ଏହା ସାହାଯ୍ୟ କରେ ।ସେଓ ଲିଭର ପାଇଁ ବେଷ୍ଟ ହୋଇଥାଏ । ଯାହା ଲିଭରରେ ଜମାଟ ବାନ୍ଧୁଥିବା ଚର୍ବିକୁ ରୋକିପାରେ। ଏହା ବ୍ୟତୀତ ଏହା କିଡନୀ କାର୍ଯ୍ୟରେ ସାହାଯ୍ୟ କରିବା ସହିତ ମସ୍ତିଷ୍କକୁ ଆଲଜାଇମର ଭଳି ରୋଗରୁ ରକ୍ଷା କରିଥାଏ ।ଉଜ୍ଜ୍ୱଳ ତ୍ୱଚା ପାଇଁ ସେଓ ଫଳପ୍ରଦ ହୋଇଥାଏ ।ସେଓ ଭିଟାମିନ୍ ସି, ଭିଟାମିନ୍ ଏ, ଆଣ୍ଟିଅକ୍ସିଡା□ ଏବଂ ଫାଇବରରେ ଭରପୂର । ସେହିପରି ଲବଙ୍ଗରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯାହା ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବାରେ ପ୍ରଭାବଶାଳୀ ହୋଇଥାଏ ।ଲବଙ୍ଗ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ଫୁଲା ଏବଂ ବଦହଜମୀକୁ ହ୍ରାସ କରିଥାଏ । ଏଥିରେ ୟୁଜେନୋଲ୍ ଏବଂ ଫ୍ଲାଭୋନଏଡ୍ ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ମଧ୍ୟ କମ୍ କରିଥାଏ ।ଲବଙ୍ଗ କାଶ, ଆଜ୍ମା ଏବଂ ବ୍ରୋଙ୍କାଇଟିସ୍ ଭଳି ସମସ୍ୟାକୁ ଚୁଟିକିରେ ଗାଏବ କରିଦେଇଥାଏ ।ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରେ ।ତେଣୁ କେବଳ ସେଓ ନଖାଇ ସେଥିରେ ଲବଙ୍ଗ ମିଶାଇ ଖାଆନ୍ତୁ । ଯାହା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟଜନିତ ଫାଇଦା ଦେବ ।

## ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ଶ୍ରୀକୃଷ୍ଣଙ୍କ ତପସ୍ୟା

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ,





ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ । ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ

## ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍





ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଋଉଳ ଗୁଣ୍ଡ ମିଶାଇ ଏବଂ ଋମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ ।

ତ୍ୱଚାରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚାରେ ହେଲଥି ଗ୍ଲୋ ଆଣିଥାଏ । ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଋମଚ ଋଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

# ୪ ଲେନ୍ ବିଶିଷ୍ଟ ହେବ ଭବାନୀପାଟଣା-ଖରିଆର ରୋଡ

● ନିର୍ମାଣ ହେବ ୫ଟି ମୁଖ୍ୟ ସେତୁ ସହ ୧୫ଟି ଛୋଟ ସେତୁ
● ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ହେବ ପୁନରୁଦ୍ଧାର

ଭୁବନେଶ୍ୱର,୧୩।୫ (ମହାଭାରତ): ଭବାନୀପାଟଣାବାସୀଙ୍କ ଦୀର୍ଘଦିନର ଦାବି ଆଜି ସାକାର ରୂପ ନେବାକୁ ଯାଉଛି। ଭବାନୀପାଟଣାବାସୀଙ୍କ ଆବେଗକୁ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ଭବାନୀପାଟଣା-ଖରିଆର ରାସ୍ତାକୁ ଦୁଇ ଲେନ୍ ରୁ ଚାରି ଲେନ୍ ବିଶିଷ୍ଟ କରିବାକୁ ଯାଉଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନରେ ସୁବିଧା ହେବା ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ବିଶେଷ ଭାବେ ଉପକୃତ ହେବେ ବୋଲି ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ନୂତନ ଭବାନୀପାଟଣା-ଖରିଆର ରାସ୍ତା ଭବାନୀପାଟଣା ଏବଂ ଖରିଆର ଅଂଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ । କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ମଧ୍ୟରେ ଯୋଗାଯୋଗ ତ୍ୱରିତ ଏବଂ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଏବଂ ବଜାରକୁ ମଧ୍ୟ ସହଜରେ ପହଂଚିପାରିବେ । ଉନ୍ନତ ରାସ୍ତା ଯୋଗୁଁ ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଏବଂ ବ୍ୟକ୍ତିଗତ ଯାନଗୁଡ଼ିକ ଶୀଘ୍ର



ଗନ୍ତବ୍ୟସ୍ଥଳରେ ପହଂଚିବା ସହ ଇନ୍ଧନ ଏବଂ ସମୟ ଅପଚୟ ହ୍ରାସ ପାଇବ । କୃଷକ ଏବଂ ବ୍ୟବସାୟୀମାନେ ଧାନ, ପନିପରିବା, ଜଙ୍ଗଲଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ବଜାରକୁ ସହଜରେ ପରିବହନ କରିପାରିବେ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବ। ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଦୋକାନ, ପେଟ୍ରୋଲ ପମ୍ପ, ହୋଟେଲ, ଗୋଦାମ ଏବଂ କ୍ଷୁଦ୍ର ଶିଳ୍ପକୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍କୁଲ, କଲେଜ, ହସ୍ପିଟାଲ ଏବଂ ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା ଅଧିକ ସୁବିଧାଜନକ ହୋଇପାରିବ। ଅଧିକ ପ୍ରଶସ୍ତ ରାସ୍ତା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିବ। ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ସୁଗମ ହେବା ସହ ପଶ୍ଚିମ ଓଡ଼ିଶାର ଦୀର୍ଘକାଳୀନ ଅଭିବୃଦ୍ଧିରେ ଏହି ନୂତନ ରାସ୍ତା ବିଶେଷ ଭୂମିକା ନିର୍ବାହ କରିବ। ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ। ଏଥି ସହିତ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ। ପ୍ରାୟ ୭୦ କିଲୋମିଟର ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ବ୍ୟୟବରାଦ ରହିଥିବାବେଳେ ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

# ରାଜ୍ୟସଭା ନିର୍ବାଚନ ଅନିୟମିତତା : ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧୩।୫ (ମହାଭାରତ): ରାଜ୍ୟସଭା ନିର୍ବାଚନରେ ଦୁଇ ବିଜେପି ବିଧାୟକଙ୍କୁ ବେଆଇନ ଭାବେ ଦ୍ୱିତୀୟ ବାଲାଟ୍ ପ୍ରଦାନ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ।

ନିର୍ବାଚନ ସମୟରେ ବିଜେପି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର ଓ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦ୍ୱିତୀୟ ବାଲାଟ୍ ପ୍ରଦାନ କରିବା ସମ୍ପୂର୍ଣ୍ଣ ଅବୈଧ ବୋଲି ବିଜେଡି ଅଭିଯୋଗ କରିଛି। ଏଦିଗରେ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବାକୁ ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ: ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟସଭା ନିର୍ବାଚନ ପୋଲିଂ ଏଜେଂଟ ଶ୍ରୀ ପ୍ରତାପ ଦେବ: ବିରୋଧୀ ଦଳ ଉପମୁଖ୍ୟ ସଚେତକ ଡ଼ ଅରୁଣ କୁମାର ସାହୁ: ସାଂସଦ ଡ଼ ସସ୍ମିତ ପାତ୍ର ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

ଡ଼ ଅରୁଣ କୁମାର ସାହୁ କହିଥିଲେ,



ରାଜ୍ୟ ନିର୍ବାଚନ କମିଶନର ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କଲେ, ଯାହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ । ରାଜ୍ୟ ନିର୍ବାଚନ କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା । ଆଶ୍ଚର୍ଯ୍ୟର ବିଷୟ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କାଳି ବୋହିନଥିଲା ବେଳେ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କଲା ବେଳେ କେମିତି କାଳି ବୋହିଲା ? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ ହୋଇଥିଲା, ଯାହାକୁ ବିଜେଡି ଏଜେଂଟ ବିରୋଧ କରି ଅଭିଯୋଗ କରିଥିଲେ । କିନ୍ତୁ ନିର୍ବାଚନ କମିଶନର ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲାଟ ପ୍ରଦାନ କରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଙ୍ଘନ କରୁଛି । ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ । ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ।

ସୂଚନାଯୋଗ୍ୟ ଯେ ଗତ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ବିଜେଡି ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲା ।

# ସମ୍ ନର୍ସିଂ କଲେଜ-୨ ଫୁଲନଖରା ପକ୍ଷରୁ ନର୍ସେସ ଦିବସ



ଭୁବନେଶ୍ୱର,୧୩।୫ (ମହାଭାରତ): ଫୁଲନଖରା ସ୍ଥିତ ସମ ନର୍ସିଂ କଲେଜ-୨ ପକ୍ଷରୁ ଆନ୍ତର୍ଜାତୀକ ନର୍ସେସ୍ ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସମାନଙ୍କ ବିଶେଷ ଭୂମିକା ଏବଂ ରୋଗୀଙ୍କ ଜୀବନ ବଂଚାଇବା କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଧାରାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ସରକାରୀ ନର୍ସିଂ କଲେଜର କମ୍ୟୁନିଟି ହେଲ୍ଥ ନର୍ସିଂ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ରେଣୁକା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଯୁଗ୍ମ ଡିଏମଇଟି ଡାକ୍ତର ରୋମା ରତନ ସାହୁ ସ୍ୱତନ୍ତ୍ର ଅତିଥି ଓ ଭୁବନେଶ୍ୱର ଏମ୍ସର ନର୍ସିଂ ସୁପରିଟେଣ୍ଡେଂଟ ତଥା ଆସିଷ୍ଟାଂଟ ପ୍ରଫେସର ଶ୍ରୀମତି ଗୀତାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫ୍ଲୋରେନ୍ସ ନାଇଟିଂଗଲଙ୍କ ଜନ୍ମ ଦିନକୁ ସମଗ୍ର ବିଶ୍ୱରେ ନର୍ସେସ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହି ଉପଲକ୍ଷେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ଆୱାର ନର୍ସେସ, ଆୱାର ଫ୍ୟୁଚର, ଏମ୍ପାୱାରଡ ନର୍ସେସ୍ ସେଭ୍ ଲାଇଭ୍ସ'। ରୋଗୀଙ୍କ ସେବା ଓ ଚିକିତ୍ସା ସହ ସେମାନଙ୍କର ଜୀବନ ବଂଚାଇବା ଦିଗରେ ନର୍ସ ମାନଙ୍କୁ କିଭଳି ସଶକ୍ତ କରିହେବ ସେନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ତାଙ୍କୁ ଆହୁରି ସଶକ୍ତ କରିବା ପାଇଁ ଡବ୍ଲୁଏଚ୍ଓ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଅତିଥି ମାନେ ବକ୍ତବ୍ୟରେ କହିଥିଲେ। କାର୍ଯକ୍ରମରେ ସମ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠି ଏବଂ ସମ ନର୍ସିଂ କଲେଜ-୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରୁସ୍କୃତ କରାଯାଇଥିଲା।

# କମିଶନରେଟ ପୋଲିସ ଅଫିସ୍ ଘେରିଲା କଂଗ୍ରେସ

ଭୁବନେଶ୍ୱର,୧୩।୫ (ମହାଭାରତ): ରାଜ୍ୟର ଭୁଶୁଡି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ହଜାର ହଜାର କଂଗ୍ରେସ କର୍ମୀ ଏବଂ ପୋଲିସ କର୍ମଚାରୀଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି, ତା ସହିତ କଂଗ୍ରେସର ମଧ୍ୟ ଲଢେଇ ଜାରୀ ରହିବ । କିନ୍ତୁ ଦୁଃଖର କଥା ଏଭଳି ଅମାନବୀୟ ଭିଡ଼ ହିଂସା ହତ୍ୟା ଘଟୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା



ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ ନାହିଁ । ପୋଲିସ ଫୋର୍ସ କ୍ରିମନାଲ ମାନଙ୍କୁ ଘୋଡ଼େଇବାରେ ବ୍ୟସ୍ତ, କ୍ରିମିନାଲ ବିଜେପି, ଆରଏସଏସ ଓ ଭିଏଚପିରେ ମିଶି ଯାଉଛନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି । ଆଜି ଆଦିମ କାଳକୁ ଆଇନ ବ୍ୟବସ୍ଥା ଚାଲି ଯାଇଛି ।ବିଚ ରାସ୍ତାରେ ଲୋକଙ୍କୁ ପିଟିପିଟି ମାରି ଦେଉଛନ୍ତି । ଏ ସରକାରଙ୍କ ବିରୁଦ୍ଧରେ ଯେତେ କହିଲେ ମଧ୍ୟ କମ ପଡ଼ିବ । ସରକାର ନିର୍ଲଜତାର ସୀମା ପାରି ହୋଇ ସାରିଲେଣି ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୋଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିଶି ସାଜି କାମ କରୁଛି। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବା ପାଇଁ ଦାବି କରିବା ସହ ଦୋଷୀ ମାନଙ୍କୁ ତୁରନ୍ତ ଦଣ୍ଡ ମିଳିବା ଓ ପୋଲିସ ଅଫିସର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଏହି ଘେରାଓ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା,ଜିତେନ୍ଦ୍ର ଚମ୍ପତି ପ୍ରମୁଖ ଉପସ୍ଥିତ ରହିଥିଲେ ।

# କିନ୍ନର ମାନଙ୍କ ନିମନ୍ତେ ଆଇନ୍‌ଗତ ସହାୟତା ଶିବିର

ଭୁବନେଶ୍ୱର,୧୩।୫ (ମହାଭାରତ): ସମାଜର ସବୁବର୍ଗଙ୍କୁ ସମାନ ଆଇନ୍ ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ନେଇ କିନ୍ନର ସମ୍ପ୍ରଦାୟଙ୍କ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ନିକଟରେ ଦୁଇ ଦିନିଆ ଆଇନ୍ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡକ୍ଟର) ଏସ୍.ଏ.କେ. ଆଜାଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରାୟ ୧୦୦ ଜଣ କିନ୍ନର ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଲିଗାଲ ଏଡ୍ ସୋସାଇଟିର ୩୦ ଜଣ ସ୍ୱେଚ୍ଛାସେବୀ ଏବଂ ସଦସ୍ୟ ସକ୍ରିୟ ଭାବେ ସାମିଲ



ହୋଇ କାର୍ଯ୍ୟ କରିଥିଲେ। ପ୍ରଥମ ଦିନର ଶିବିରଟି ଭୁବନେଶ୍ୱର ସ୍ଥିତ ଡମଣା ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖୀ' ଫାଉଣ୍ଡେସନ୍‌ର ସହଭାଗିତାରେ ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ଏହି ଅନୁଷ୍ଠାନର କିନ୍ନର ସମ୍ପ୍ରଦାୟର ଜଣ ଜଣଙ୍କ ସହ ଆଲୋଚନା କରି ସେମାନେ କିଭଳି ପ୍ରତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଜାଣିବା ସହ ସେମାନଙ୍କୁ ନିଜର ମୌଳିକ ଅଧିକାର, ଆଇନଗତ ସୁରକ୍ଷା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। 'ସଖୀ'ର ସଭାନେତ୍ରୀ ସ୍ୱିଟି ସାହୁ ଯୋଗ ଦେଇ ନିଜ ଯାତ୍ରା ଓ ସଫଳତା ବଖାଣି ଥିଲେ। ସେହିପରି ଦ୍ୱିତୀୟ ଦିନର ଶିବିର ସୁନ୍ଦରପଦା ଅଂଚଳରେ ଆୟୋଜନ କରାଯାଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖା'ର ପ୍ରତିଷ୍ଠାତା ମୀରା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସାମିଲ ହୋଇଥିବା ପ୍ରତିନିଧିମାନଙ୍କୁ ସେମାନଙ୍କର ଆଇନଗତ ଅଧିକାର ସହ ସମାନତା, ଆତ୍ମସମ୍ମାନ ଏବଂ ସାମାଜିକ ଅନ୍ତର୍ଭୁକ୍ତି ସମ୍ପର୍କରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ଏନ୍‌ଆଇଏଲ୍‌ର ଫ୍ୟାକଲ୍ଟି ମେମ୍ବର୍ସ ଶ୍ରୀ ସିଦ୍ଧାର୍ଥ ଦାସ, ଶ୍ରୀ ପ୍ରମିଥ ନନ୍ଦୀ, ଶ୍ରୀ ହିମାଂଶୁ ଶେଖର ମୁଦୁଲି ପରିଚାଳନା କରିଥିଲେ।

# ଭାରତୀୟ ଅର୍ଥନୀତିରେ ଏଆଇ ୫୦୦ ବିଲିୟନ ଡଲାର ଯୋଗ କରିବ

ଭୁବନେଶ୍ୱର,୧୩।୫ (ମହାଭାରତ): ଆଇବିଏମ୍ ଇନଷ୍ଟିଚ୍ୟୁଟ୍ ଫର୍ ବିଜନେସ ଭାଲ୍ୟୁ ଓ ଇଣ୍ଡିଆ ଏଆଇର ଏକ ନୂତନ ଅଧ୍ୟୟନ ଅନୁଯାୟୀ ଭାରତ ତା'ର ଅର୍ଥନୈତିକ ରୂପାନ୍ତରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରୁଛି, କାରଣ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ପରୀକ୍ଷଣରୁ ଊର୍ଦ୍ଧ୍ୱକୁ ଯାଇ ଜାତୀୟ ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରୁଥିବା ଏକ ମୂଳଦୁଆ ଶକ୍ତି ହେବାକୁ ପ୍ରସ୍ତୁତ। ଅନୁସନ୍ଧାନରୁ ଜଣାପଡିଛି ଯେ ଏଆଇ ୨୦୩୦ ସୁଦ୍ଧା ଭାରତର ଅର୍ଥନୀତିରେ ୫୦୦ ବିଲିୟନ ଡଲାରରୁ ଅଧିକ ଅବଦାନ ଦେଇପାରେ ଯାହା ଦେଶକୁ ବିଶ୍ୱର ସବୁଠାରୁ ଗତିଶୀଳ ଏଆଇ ଚାଳିତ ଅର୍ଥନୀତି ମଧ୍ୟରେ ସ୍ଥାନିତ କରିବ। 'ପ୍ରତିଶ୍ରୁତିରୁ ଶକ୍ତି: କିପରି ଏଆଇ ଭାରତର ଅର୍ଥନୈତିକ ଭବିଷ୍ୟତକୁ ପୁନଃ ନିର୍ଦ୍ଧାରିତ କରୁଛି' ଶୀର୍ଷକ ଏହି ଅଧ୍ୟୟନ ମହତ୍ୱାକାଂକ୍ଷା ଓ ଜରୁରୀକାଳୀନ ପରିସ୍ଥିତିର ଏକ ଶକ୍ତିଶାଳୀ ସଙ୍ଗମକୁ ଗୁରୁତ୍ୱ ଦେଇଛି। ପାଂଚଜଣଙ୍କ ମଧ୍ୟରୁ ଚାରିଜଣ ବ୍ୟବସାୟିକ ମୁଖ୍ୟ ବିଶ୍ୱାସ କରନ୍ତି ଯେ ଏଆଇ ନିବେଶ ଭାରତର ଜିଡିପି ଅଭିବୃଦ୍ଧିକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିବ ଏବଂ ୭୩% ଆଶା କରନ୍ତି ଯେ ୨୦୩୦ ସୁଦ୍ଧା ଭାରତ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ଏଆଇ ରାଷ୍ଟ୍ର ଭାବରେ ଉଭା ହେବ। ଆଗକୁ ଚାହିଁଲେ, ଅନୁସନ୍ଧାନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ବ୍ୟବଧାନ ମଧ୍ୟ ପ୍ରକାଶ କରିଛି, କାରଣ ୭୨% ସର୍ଭେ ହୋଇଥିବା ସଂସ୍ଥା ସ୍ୱୀକାର କରିଛନ୍ତି ଯେ ସେମାନେ ଏଆଇ ଗ୍ରହଣ କରିବାରେ ବିଶ୍ୱସ୍ତରୀୟ ସମକକ୍ଷଙ୍କ ତୁଳନାରେ ପଛରେ ଅଛନ୍ତି। ମହତ୍ୱାକାଂକ୍ଷା ଓ କାର୍ଯ୍ୟକାରିତା ମଧ୍ୟରେ ଏହି ଦୂରତାକୁ ଦୂର କରିବା ବିଶ୍ୱସ୍ତରୀୟ ଏଆଇ ଅର୍ଥନୀତିରେ ଭାରତର ନେତୃତ୍ୱ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ। ରିପୋର୍ଟ ର ଶୁଭାରମ୍ଭ ସମୟରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଶ୍ରୀ ଏସ୍ କ୍ରିଷ୍ଣନ୍ କହିଥିଲେ ଯେ, "ଭାରତ ଆଉ କେବଳ ବିଶ୍ୱସ୍ତରୀୟ ଏଆଇ ଆଲୋଚନାରେ ଅଂଶଗ୍ରହଣ କରୁନାହିଁ, ଆମେ ଏହାକୁ ଗଢ଼ିବାରେ ସାହାଯ୍ୟ କରୁଛୁ। ଆମର ଦୃଷ୍ଟିକୋଣ ସ୍ପଷ୍ଟ। ଏଆଇ ଆମ ଲୋକଙ୍କ ଆକାଂକ୍ଷାର ଏକ ବିସ୍ତାର ଭାବରେ ବିକଶିତ ହେବା ଜରୁରୀ, ଯାହା ସମାବେଶୀ ଅଭିବୃଦ୍ଧି ଓ ଜାତୀୟ ପ୍ରଗତିକୁ ଆଗକୁ ବଢ଼ାଇବ। ବିକଶିତ ଭାରତର ସଙ୍କଳ୍ପ ଦ୍ୱାରା ପରିଚାଳିତ ହୋଇ ଆମେ ବିଶ୍ୱାସ, ନୈତିକତା ଓ ଜାତୀୟ ସାର୍ବଭୌମତ୍ୱ ଉପରେ ଆଧାରିତ ଏଆଇ ପାଇଁ ଏକ ମାନବ-କେନ୍ଦ୍ରିକ ଆଭିମୁଖ୍ୟକୁ ଆଗକୁ ବଢ଼ାଉଛୁ।

# କିମସକୁ ଶରୀର ଦାନ କଲେ ଶିକ୍ଷାବିତ

ଭୁବନେଶ୍ୱର,୧୩।୫ (ମହାଭାରତ): ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଡ ରାମକୃଷ୍ଣ ପଣ୍ଡା ଭୁବନେଶ୍ୱର କିମ୍‌ସର ଶରୀର ବିଜ୍ଞାନ ବିଭାଗକୁ ତାଙ୍କ ଶରୀର ଦାନ କରିଛନ୍ତି। ମେ ୨୮ ତାରିଖରେ ଡ ପଣ୍ଡାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ପକ୍ଷରୁ ତାଙ୍କ ଶରୀରକୁ କିମସକୁ ଦାନ କରାଯାଇଥିଲା। ଜ୍ଞାନ ଓ ମାନବତା ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏକ ଗଭୀର ପ୍ରେରଣାଦାୟକ ଓ ନିଃସ୍ୱାର୍ଥପର କାର୍ଯ୍ୟରେ ଡ ରାମକୃଷ୍ଣ ପଣ୍ଡା ଏଭଳି ମହତ କାର୍ଯ୍ୟ କରିଛନ୍ତି। ଏହା ମାଧ୍ୟମରେ ସେ ପାଣ୍ଡିତ୍ୟ, ନମ୍ରତା ଓ ଜ୍ଞାନ ପ୍ରତି ସର୍ମପଣର ଏକ ସମୃଦ୍ଧ ଐତିହ୍ୟ ଛାଡ଼ି ଯାଇଛନ୍ତି। ମୃତ୍ୟୁ ପରେ ମଧ୍ୟ ସମାଜରେ ଅବଦାନ ରଖିବାର ତାଙ୍କର ଇଚ୍ଛା ଅନୁଯାୟୀ ପରିବାର ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ କିମସକୁ ହସ୍ତାନ୍ତର କରାଯାଇଥିଲା। ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ବିଦ୍ୱାନ ଓ ଜଣେ ଦରଦୀ ମଣିଷ ଭାବରେ ଜଣାଶୁଣା ଡ ପଣ୍ଡାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ମଧ୍ୟ ସମାଜର ସେବା ଜାରି ରଖିବା। ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କୁ ତାଙ୍କ ମହାନ ଅବଦାନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା। ବିଜ୍ଞାନରେ ତାଙ୍କର ଅବଦାନ ବ୍ୟତୀତ, ଡ ପଣ୍ଡାଙ୍କର ପାରମ୍ପରିକ ଭାରତୀୟ ଜ୍ଞାନ ପ୍ରଣାଳୀ, ଯେପରିକି ହସ୍ତରେଖା ବିଜ୍ଞାନ, ହୋମିଓପାଥି ଏବଂ ଆଧ୍ୟାତ୍ମିକ ଅଧ୍ୟୟନ ପ୍ରତି ଗଭୀର ଆଗ୍ରହ ଥିଲା। ୧୯୪୬ ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିବା ଡ ପଣ୍ଡା ଶିକ୍ଷା ଓ ଗବେଷଣା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ୧୯୬୬ରେ ଶିକ୍ଷା ସମାପ୍ତ କରିବା ପରେ ସେ ୧୯୬୭ରେ ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ ପ୍ରଥମେ କାର୍ଯ୍ୟ କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଶିକ୍ଷାଗତ କ୍ୟାରିଅରରେ ସେ ବସ୍ତୁ ବିଜ୍ଞାନରେ ତାଙ୍କର ଅବଦାନ ରହିଛି। ଶିକ୍ଷାଦାନ ଓ ଗବେଷଣା ପ୍ରତି ତାଙ୍କର ଉତ୍ସର୍ଗ ପାଇଁ ସେ ବହୁ ସମ୍ମାନ ଅର୍ଜନ କରିଥିଲେ। ୨୦୦୬ ଜୁଲାଇ ୩୧ରେ ସେ ପ୍ରଫେସର ଭାବରେ ଅବସର ନେବା ପୂର୍ବରୁ ଆମେରିକାରେ ଉନ୍ନତ ଗବେଷଣା ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ। ଡ ପଣ୍ଡାଙ୍କ ପିଲାମାନେ ଡା ମାଗ୍ନା ମଞ୍ଜାରିକା ଓ ଡା ଶକ୍ତି ସ୍ୱରୂପ ଉଭୟ କିମସରେ ଡାକ୍ତର ଭାବେ କାର୍ଯ୍ୟରତ। ଡ ପଣ୍ଡାଙ୍କ ଏହି ମହାନ କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଓ ପ୍ରଶଂସକମାନେ ସେ ଜଣେ ଦୟାଳୁ ଶିକ୍ଷକ, ମାର୍ଗଦର୍ଶକ, ସମାଜ ସଂସ୍କାରକ ଓ ଜ୍ଞାନ, ସାଧୁତା ଏବଂ ସେବା ନୀତି ଦ୍ୱାରା ପରିଚାଳିତ ଏକ କୋମଳ ଆତ୍ମା ଥିଲେ ବୋଲି ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ଶିକ୍ଷାବର୍ଗ ଆରମ୍ଭ

ଭୁବନେଶ୍ୱର,୧୩।୫ (ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶାର ସଂଘଶିକ୍ଷା ବର୍ଗ ବିଶେଷ ଓ ସଂଘଶିକ୍ଷା ବର୍ଗ ସାମାନ୍ୟ କଟକ ଗତିରାଉତ ପାଟଣା ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ୯ ତାରିଖ ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ସଂଘଶିକ୍ଷାବର୍ଗ ବିଶେଷକୁ ଅଖିଳ ଭାରତୀୟ ସଦ୍‌ଭାବନା ସଂଯୋଜକ ଡ.ଗୋପାଳ ପ୍ରସାଦ ମହାପାତ୍ର ଓ ସଂଘଶିକ୍ଷା ବର୍ଗ ସାମାନ୍ୟକୁ ସଂଘର ଅଖିଳ ଭାରତୀୟ କୁଟମ୍ବ ପ୍ରବୋଧନ ସହ ପ୍ରମୁଖ ମନସୁଖଲାଲ ସେଠିଆ ଭାରତମାତାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଅଖିଳ ଭାରତୀୟ ଯୋଜନା ଅନୁସାରେ ଅନୁଷ୍ଠିତ ହେଉଥିବା ସଂଘଶିକ୍ଷା ବର୍ଗ ବିଶେଷରେ ଓଡିଶାର ପୂର୍ବ ଓ ପଶ୍ଚିମ ପ୍ରାନ୍ତରୁ ୧୨୦ ଜଣ ପ୍ରଶିକ୍ଷାର୍ଥୀ ଓ ୮ଜଣ ଶିକ୍ଷକ ଭାଗ ନେଇଛନ୍ତି । ଯେଉଁମାନଙ୍କ ଭିତରେ ଅଛନ୍ତି ଡାକ୍ତର,ଇଂଜିନିୟର, ଆଇନଜୀବୀ, ଶିକ୍ଷକ, ବ୍ୟବସାୟୀ, ଶିକ୍ଷାର୍ଥୀ, ସାମ୍ବାଦିକ,କୃଷକ ଆଦି ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତାମାନେ । ଏହି ବର୍ଗକୁ ସୁଚାରରୂପେ ପରିଚାଳନା କରିବା ପାଇଁ ଏକ ସଂଚାଳନ ସମିତି ଗଠନ



କରାଯାଇଛି । ବର୍ଗର ସର୍ବାଧିକାରୀ ବେଲେଶ୍ୱର ସାହୁ, କାର୍ଯ୍ୟବାହ ରାମ ଚନ୍ଦ୍ର ସାହୁ,ମୁଖ୍ୟ ଶିକ୍ଷକ ଖଗେଶ୍ୱର ମହନ୍ତ, ସେବା ପ୍ରମୁଖ ବିଜୟ ସାମଲ , ସହ-ସେବା ପ୍ରମୁଖ ନଳିନକାନ୍ତ ମହାନ୍ତ, ବୌଦ୍ଧିକ ପ୍ରମୁଖ ହେମନ୍ତ ସାମଲ, ସହ-ବୌଦ୍ଧିକ ପ୍ରମୁଖ ପ୍ରଣବ ନାୟକ, ସଂପର୍କ ପ୍ରମୁଖ ଭଗବାନ ବେହେରା, ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା, ବ୍ୟବସ୍ଥା ପ୍ରମୁଖ ଅନନ୍ତ କୁମାର ସାହୁ, ସହ-ବ୍ୟବସ୍ଥା ପ୍ରମୁଖ ଲକ୍ଷ୍ମୀଧର ପରିଡା, ପରିବେକ୍ଷଣ ପ୍ରମୁଖ ଆଲୋକ ପଟେଲ,ପୂର୍ବ ପ୍ରାନ୍ତ ପ୍ରମୁଖ ସୀମାଞ୍ଚଳ ଖଟୁଆ, ପଶ୍ଚମ ପ୍ରାନ୍ତ ପ୍ରମୁଖ ବିଷ୍ଣୁ ପାତ୍ର,ପର୍ଯ୍ୟବେକ୍ଷକ ପ୍ରତାପ ଷଡଙ୍ଗୀ ଓ ବାବାଜୀ ଚରଣ ସାହୁ ଦୁଇ ପ୍ରାନ୍ତର ପାଳକ ଅଧିକାରୀ ଭାବେ ଦୀପକ ରାଉତ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ପ୍ରାନ୍ତ ଯୋଜନା ଅନୁସାରେ ଅନୁଷ୍ଠିତ ହେଉଥିବା ସଂଘଶିକ୍ଷା ବର୍ଗ ସାମାନ୍ୟରେ ଓଡ଼ିଶା ପୂର୍ବର ୧୮ଟି ଜିଲ୍ଲା ଓ ୧ଟି ମହାନଗରରୁ ୩୦୬ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି । ଏହି ବର୍ଗର ସର୍ବାଧିକାରୀ ଭାବେ ବିଶ୍ୱମ୍ଭରନାଥ ପାଣି,ବର୍ଗ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ,ମୁଖ୍ୟଶିକ୍ଷକ ରାଜେଶ କୁମାର ଜେନା, ସହ-ମୁଖ୍ୟଶିକ୍ଷକ ବିରେନ୍ଦ୍ର କୁମାର ବେହେରା ଓ ସନ୍ଦିପ ସନ୍ତୋଷ ରାୟ, ବୌଦ୍ଧିକ ପ୍ରମୁଖ ସତ୍ୟ ରଞ୍ଜନ ମହାକୁଡ, ସହ-ବୌଦ୍ଧିକ ପ୍ରମୁଖ ଭଗବାନ ଦେହୁରୀ ଓ ଚିତ୍ତରଂଜନ ମହାପାତ୍ର, ସେବା ପ୍ରମୁଖ ଶାନ୍ତନୁ ମାଝି , ସଂପର୍କ ପ୍ରମୁଖ ସୁନୀଲ କୁମାର ଗୌଡ, ପ୍ରଚାର ପ୍ରମୁଖ କଶ୍ୟପ ମନୋରଂଜନ, ଘୋଷ ପ୍ରମୁଖ ରଂଜନ ନାୟକ, ବ୍ୟବସ୍ଥା ପ୍ରମୁଖ ଅନନ୍ତ କୁମାର ସାହୁ, ସହ-ବ୍ୟବସ୍ଥା ପ୍ରମୁଖ ଲକ୍ଷ୍ମୀଧର ପରିଡା,ପର୍ଯ୍ୟବେକ୍ଷକ କର୍ଣ୍ଣ ପ୍ରଧାନ ଏବଂ ବର୍ଗ ପାଳକ ଭାବେ ଅସିତ କୁମାର ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ଦୁର୍ଘଟଣା ନେଉଛି ଜୀବନ

୩୦ ବର୍ଷ ତଳେ କାଁ ଭାଁ ସଡ଼କ ଦୁର୍ଘଟଣା ହେଉଥିବା ଏବଂ ଜୀବନହାନୀର ଖବର ଆସୁଥିଲା। ଗୋଟିଏ ଦୁର୍ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହେଉଥିଲା। କିନ୍ତୁ ଏବେ ପ୍ରତିଦିନ ଅନେକ ଛୋଟ ବଡ଼ ଦୁର୍ଘଟଣା ହେଉଛି ଏବଂ ରାସ୍ତାରେ ଜୀବନ ଯାଉଛି। ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ। ସଡ଼କ ଦୁର୍ଘଟଣାରେ ଭାରତ ହେଉଛି ବିଶ୍ୱର ରାଜଧାନୀ। ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି। ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି। ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି। ସଡକ ଦୁର୍ଘଟଣାର ଅନେକ କାରଣ ରହିଛି। ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି। ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି। ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂକ୍ୟା ଆହୁରି ବଢ଼ି ଯାଉଛି। ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ସହର ଭିତରେ ବି ଏହାର ଅଭାବ ରହିଛି। ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ। ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି। ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ। ଏହାକୁ ବି ଯାଞ୍ଚ କରାଯାଉନି। ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ। କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି। ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ। ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି। ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି। ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲେକ ବ୍ୟବସ୍ଥା ରହିବା ଉଚିତ। ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ। ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ। ଗତ ରବିବାର ରାତିରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇବାର ଦିନକ ପରେ ବାରିପଦାରେ ଏକ ଯାତ୍ରୀବାହୀ ବସ ଓଲଟି ୧୦ଜଣ ଆହତ ହୋଇଛନ୍ତି। ସେହିପରି ଅନ୍ୟ ଏକ ସ୍ଥାନରେ ଟ୍ରକ ସହ କାର ଧକ୍କାରେ ଏକ ପରିବାରର ୩ଜଣ ପ୍ରାଣ ହରାଇଛନ୍ତି। ଏଭଳି ଘଟଣା ବାସ୍ତବିକ ଚିନ୍ତାଜନକ। ଅନେକ ସମୟରେ ଘାଟୀ ରାସ୍ତାରେ ଦୁର୍ଘଟଣା ହେଉଛି। ବର୍ଷା ଦିନେ ଗାଡ଼ି ସ୍ଲିପ କରିବା ହେତୁ ଅନେକ ସମୟରେ ଏହି ଦୁର୍ଘଟଣା ହେଉଛି। ଘାଟୀରେ ଗାଡ଼ି ଚଳାଇବାର ଅଭିଜ୍ଞତା ନଥିଲେ ମଧ୍ୟ ଏଭଳି ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ନିହାତି ଆବଶ୍ୟକତା ନଥିଲେ ରାତିରେ ଗାଡ଼ି ଚାଳନାକୁ ବାରଣ କରାଯିବା ଉଚିତ।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

॥ ମୀରା ବେଉରା ॥


ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ।


ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଉର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ୍ୟ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସର୍ଭିଙ୍କର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭ୍ରାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ୍ୟ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇବ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚତେନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଊର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହୁନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅଭିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ<br>
କର୍ଣ୍ଣ ନାହିଁ ସବୁ ଶୁଣେ<br>
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ୍ୟ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ<br>
ଉତ୍କଳର ନେତା ନିଜେ ନାରାୟଣ"।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଛାତିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଳି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦ୍ୱୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାସ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗଙ୍କୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୂରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗାବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢ଼ୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତଙ୍କୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ।

# ଗରୀବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

ଆମ ଦେଶର ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ୍ୟ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛନ୍ତି । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛନ୍ତି । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ୍ୟ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ୍ୟ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ୍ୟ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତଥ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି। କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି। ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥୀକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ୍ୟ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ୍ୟ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।

ମୋ-୯୪୩୮୪୮୫୦୯୪

# ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଠ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ୍ୟ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱାକୁଙ୍କୁ ଇକ୍ଷ୍ୱାକୁ ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗଲରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ<br>
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,<br>
ଦୂରଭାଷ : ୯୯୩୭୧୭୨୮୧୦




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଜରିପଡା ଉକ୍ରଳ ଭଉଁରୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ

ଟାଙ୍ଗୀ, (ମହାଭାରତ) ; ପବିତ୍ର ଉକ୍ରଳ ଭଉଁରୀ ଯାତ୍ରା ସାରା ଓଡ଼ିଶାର କୋଣ ଅନୁକୋଣରେ ପାଳିତ ହୋଇଆସୁଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡା ସ୍ଥିତ ଶ୍ରୀ ଶ୍ରୀ କେଦାରେଶ୍ୱର ଦେବଙ୍କ ପୀଠରେ ଏହି ମହାନ ପାରମ୍ପରିକ ଉକ୍ରଳ ଭଉଁରୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଥିବା ଜଣାଯାଏ । ଚଉଦ ପାଟଣା ସଂହତି ସଭା ସହଯୋଗରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ଉକ୍ରଳ ଭଉଁରୀ ଯାତ୍ରାରେ ସ୍ଥାନୀୟ ମହାଦେବ ଶ୍ରୀ ଶ୍ରୀ କେଦାରେଶ୍ୱର ଦେବଙ୍କ ବିଜେ ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ଆଣି ସ୍ଥାନୀୟ ପୁଷ୍କରିଣୀ ରେ ଉଦ୍ଦିଷ୍ଟ ଡଙ୍ଗା ରେ ଉପବେଷ କରାଇ ୨୧ ଥର ପରିକ୍ରମା କରାଯାଇ ଯାତ୍ରା ପଡ଼ିଆରେ ଥିବା ମଣ୍ଡପ ରେ ବିରାଜମାନ କରିଥିଲେ। ଉପସ୍ଥିତି ଶହ ଶହ ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ରେ ଯାତ୍ରା ପଡିଆ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।ଯାତ୍ରା ପଡିଆ ରେ ବିଭିନ୍ନ ଦୋକାନ ବଜାର ଖୋଲିଥିବା ବେଳେ ଅନେକ ରଙ୍ଗ ବେରଙ୍ଗ ଫସରା ଖୋଲିଥିବା ଦେଖିବାକୁ ମିଳିଥିଲା। ଏହି ଭଉଁରୀ ଯାତ୍ରା ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଜଣାଯାଏ।ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଅଢ଼େଇ ବର୍ଷ ହେଲା ଚନାବେଡା ପଞ୍ଚାୟତରେ ସମିତିସଭ୍ୟ ପଦ ଖାଲି, ଜିଲ୍ଲାପାଳଙ୍କ ପାଖରେ ସୂଚନା ନାହିଁ

ଖଡ଼ିଆଳ, (ମହାଭାରତ) : ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚନାବେଡ଼ା ପଞ୍ଚାୟତରେ ଅଢ଼େଇ ବର୍ଷ ହେବ ସମିତିସଭ୍ୟ ପଦ ଖାଲିପଡ଼ିଛି। ହେଲେ ଆଜି ପର୍ଯ୍ୟନ୍ତ ଏହି ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହୋଇ ପାରିନାହିଁ। ଯାହାଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କର ଦେହାନ୍ତ ପରେ ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଚନାବେଡା ପଞ୍ଚାୟତରେ ଅଢ଼େଇ ବର୍ଷ ହୋଇଯାଇଥିଲେ ମଧ୍ୟ ନିର୍ବାଚନ ନହେବା ପରିତାପର ବିଷୟ। ଜିଲାପାଳ ସ୍ୱଚ୍ଛ ନିର୍ବାଚନ ପାଇଁ ପୁରସ୍କାର ପାଉଥିବା ବେଳେ ଚନାବେଡ଼ା ପଞ୍ଚାୟତ ପ୍ରତି ଆନ୍ତରିକତା ନଦେଖାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଗତ ଅଢ଼େଇ ବର୍ଷ ପୂର୍ବେ ଏହି ପଞ୍ଚାୟତର ସମିତିସଭ୍ୟା ଭାବରେ ବସୁମତୀ ସଗରିଆ ନିର୍ବାଚିତ ହୋଇଥିଲେ ପରେ ସେ ସରକାରୀ ଚାକିରୀ ପାଇବାରୁ ତାଙ୍କ ସମିତି ସଭ୍ୟା ପଦରୁ ଇସ୍ତଫା ଦେଇ ଥିଲେ । ତାଙ୍କ ଇସ୍ତଫା ଦେବା ପରେ ଏହି ପଞ୍ଚାୟତରେ ସମିତିସଭ୍ୟ ପଦବି ଖାଲି ପଡ଼ିଛି। ଯାହାଫଳରେ ପଞ୍ଚାୟତରେ ସମିତିସଭ୍ୟଙ୍କ ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଜିଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଏହି ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ପଞ୍ଚାୟତବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଇଫକୋ ଡିଏଭି ସ୍କୁଲର ସଫଳତା




ପାରାଦ୍ୱୀପ, (ମହାଭାରତ) : ପାରାଦୀପ ଇଫକୋ ସାରକାରଖାନା ସ୍ଥିତ ଡି.ଏ.ଭି ବିଦ୍ୟାଳୟ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ଉଚ୍ଚ ମାଧ୍ୟମିକ ପରୀକ୍ଷା ବିଜ୍ଞାନ ଓ କଳାରେ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ବିଜ୍ଞାନ ପରୀକ୍ଷାରେ ଇଫକୋ ଡିଏଭି ବିଦ୍ୟାଳୟରେ ୪୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୦୩ ଜଣ ୯୦% ରୁ ଅଧିକ ଅଙ୍କ, ୧୫ ଜଣ ୮୦% ରୁ ଅଧିକ ନମ୍ବର ରଖିଥିବା ବେଳେ ଓ ୪୦ ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସୁଶ୍ରୀ ତନିଶା ଜେନା ୯୩% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସୁଶ୍ରୀ ଆୟେଶା ସାହୁ ୯୨.୪୦% ରଖି ଦ୍ୱିତୀୟ ସ୍ଥାନ ଓ ଶ୍ରୀମାନ ଶ୍ରୀମୟ ପରିଜା ୯୦.୨୦% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହା ସହ ଇଂରାଜୀ - ୯୬, ପଦାର୍ଥ ବିଜ୍ଞାନ -୯୧, ରସାୟନ ବିଜ୍ଞାନ- ୯୫, ଗଣିତ – ୮୭, ହିନ୍ଦୀ -୯୫, ଜୀବ ବିଜ୍ଞାନ – ୯୬, କମ୍ପୁଟର ଶିକ୍ଷା – ୯୮, ଶାରୀରିକ ଶିକ୍ଷା– ୯୮ ସର୍ବୋଚ୍ଚ ଅଙ୍କ ରଖିବାରେ ଛାତ୍ରଛାତ୍ରୀ ମାନେ ସଫଳ ହୋଇଛନ୍ତି । ଏହାସହ ଉଚ୍ଚ ମାଧ୍ୟମିକ କଳାରେ ଶତ ପ୍ରତିଶତ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୦୬ ଜଣ ୮୦% ରୁ ଅଧିକ ଅଙ୍କ ରଖି ସଫଳତା ଅର୍ଜନ କରିଛନ୍ତି । ସୁଶ୍ରୀ ଅଭିଲିପ୍ସା ଦାସ ୮୮.୦୦% ରଖି ପ୍ରଥମ ସ୍ଥାନ ଅଧିକାର କରିବା ସହ ସୁଶ୍ରୀ ଶ୍ୱେତଲିନା ସାହୁ ୮୫.୬୦% ଓ ଶାହରୁନ୍ ଜେନିଥ ତିର୍କେ ୮୩.୨୦% ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହାସହ ଇଂରାଜୀ -୮୭ ,ଇତିହାସ – ୯୦, ଭୂଗୋଳ ୯୧, ଅର୍ଥଶାସ୍ତ୍ର- ୮୯, ହିନ୍ଦୀ – ୯୪, ସଙ୍ଗୀତ–୯୦, ଶାରୀରିକ ଶିକ୍ଷା – ୮୦ ସର୍ବୋଚ୍ଚ ଅଙ୍କ ରଖି ଛାତ୍ରଛାତ୍ରୀମାନେ ସଫଳତାର ଏକ ନୂତନ ଦିଗନ୍ତ ସ୍ପର୍ଶ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ପାରାଦୀପ ଶାଖା, ଇଫକୋ ମୁଖ୍ୟ ଓ ବିଦ୍ୟାଳୟର ପରିଚାଳକ ପି.କେ.ମହାପାତ୍ର ଡି.ଏ.ଭି ଇଫକୋ ବିଦ୍ୟାଳୟର ଅଧକ୍ଷ ସମ୍ବିତ ସୁକୁମାର ଚିନରା ତଥା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜାମୁସାହି ଏବଂ ବରକୋଳା ମଧ୍ୟରେ ଫାଇନାଲ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳବାର କନ୍ଧଖାଲମଡା ଖେଳ ପଡ଼ିଆ ଆନୁକୂଲ୍ୟରେ ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ୨ୟ ଦିନରେ ପ୍ରଥମ ଇନିସଂ ଜାକେଡ଼ା କ୍ରିକେଟ କ୍ଲବ ୧୦ ଓଭରରେ ୬ ୱିକେଟ ହରାଇ ୧୨୨ ରନ କରିଥିଲା ଜବାବରେ କନ୍ଧଖାଲମଡ଼ା ମା ବାଗଦେବୀ କ୍ରିକେଟ ଦଳ ୧୦ ଓଭରରେ ୬ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରି ସେମିକୁ ପ୍ରବେଶ କରିଥିଲା। ଦ୍ୱିତୀୟ ଇନସିଂ ରେ ବରକୋଳା କ୍ରିକେଟ ଦଳ ୧୦ ଓଭରରେ ୪ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା ଜବାବରେ ବଡ଼ଜିରୀ ୧୦ ଓଭରରେ ୮ ୱିକେଟ ହରାଇ ୭୬ରନ ସଂଗ୍ରହ କରି ପରାଜିତ ହୋଇଥିଲା ବେଳେ ବରକୋଳା ସେମିକୁ ପ୍ରବେଶ କରିଥିଲା।ସେମିଫାଇନାଲରେ ବରକୋଳା କ୍ରିକେଟ ଦଳ ୧୦ ଓଭରରେ ୪ୱିକେଟ ହରାଇ ୨୧୫ ରନ କରିଥିଲା ଏହାର ଜବାବରେ କନ୍ଧଖାଲମଡ଼ା ମା’ ବାଗଦେବୀ କ୍ରିକେଟ ଦଳ ୧୦ ଓଭରରେ ୩ ୱିକେଟ ହରାଇ ୧୫୧ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା ଫଳରେ ବରକୋଳା ଫାଇନାଲକୁ ପ୍ରବେଶ କରିଥିଲା।ଆଜିର ଖେଳକୁ ଦାଶରଥି ସାନବଡ଼ ଏବଂ ପ୍ରଭାତ ମଳିକ ପରିଚାଳନା କରିଥିଲେ। ଏହି ଖେଳକୁ କନ୍ଧଖାଲମଡ଼ା ମା ବାଗଦେବୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ଆସନ୍ତା କାଲି ତଥା ଗୁରୁବାର ଦିନ ଜାମୁସାହି ଏବଂ ବରକୋଳା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏନେଇ କନ୍ଧଖାଲମଡ଼ା ମା’ ବାଗଦେବୀ କ୍ରିକେଟ କ୍ଲବ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅଞ୍ଚଳବାସୀଙ୍କ ବିଭିନ ସମସ୍ୟା ନେଇ ୩୬ ଟି ଅଭିଯୋଗ ହୋଇଥିଲା। ୨୮ ଅଭିଯୋଗ ବ୍ୟକ୍ତିଗତ ,୮ ଗୋଟି ଅଭିଯୋଗ ଗ୍ରାମବାସୀଙ୍କ ତରଫରୁ ହୋଇଥିଲା। ୨ଟି ଅଭିଯୋଗର ତତ୍କାଳୀନ ସମସ୍ୟା ସମାଧାନ ହୋଇଥିବା ବେଳେ ପୂର୍ବରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗର ମାସ ମାସ ବିତିଯାଇଥିଲେ ସୁଧା ଆବେଦନକାରୀଙ୍କୁ ସହାୟତା ମିଳିନଥିବା କେତେକ ଅଭିଯୋଗରେ ଉଲ୍ଲେଖ ରହିଥିଲା। କୃଷ୍ଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ଇପିଙ୍ଗ ବାଉରିପଲ୍ଲୀ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେବାରୁ ଗ୍ରାମ୍ୟ କମିଟି ସଭାପତି ନାଲୁ ପାହାଣ, ସମ୍ପାଦକ



ବିପିନୀ ନାୟକ ,ହଜାରି ପାହାଣ, ନିରଞ୍ଜନ ନାୟକ, ,ଉମାକାନ୍ତ ନାୟକ,ଅଶୋକ କୁମାର ପାହାଣ ପ୍ରମୁଖ ଗ୍ରାମବାସୀ ଅଭିଯୋଗ ପରେ ବିଭାଗୀୟ ଜଳଯୋଗାଣ ଅଧିକାରୀଙ୍କୁ ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନେକ ବାସହରା ବେସାହାରା ଯୋଗ୍ୟ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବଞ୍ଚିତ ନେଇ ଅଭିଯୋଗ ପରେ ତଦନ୍ତ ଅନୁଯାୟୀ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କେନ୍ଦରେ ବିଭିନ ସମସ୍ୟା,କର୍ମଚାରୀ ଅନୁପସ୍ଥିତ ,ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଆମ୍ବୁଲାନ୍ସ ଅନ୍ୟତ୍ର ରହିବା ,ଭତ୍ତା, ଶିକ୍ଷା,ଗ୍ରାମ୍ୟ ଉନ୍ନୟନ ବିଭାଗର ଶିଆଳ ଠାରୁ କହ୍ନେଇପୁର ରାସ୍ତା ନିର୍ମାଣ କାର୍ଯ୍ୟରେ ଘଳିଆ, ଦୀର୍ଘ ୫ କିଲୋମିଟର ଚିଲିକାରେ ଅଞ୍ଚଳବାସୀଙ୍କ ସହ ଦୂରଦୂରାନ୍ତରୁ ପର୍ଯ୍ୟଟକ ଓ ଜଗନ୍ନାଥପ୍ରେମୀ ଭକ୍ତ ରୋହରୁଦ୍ର ଖରାରେ ପାର ହେଉଥିବା ବେଳେ ଦୁଇ ପାର୍ଶ୍ୱରେ କୌଣସି ବ୍ୟବସ୍ଥା ନଥିବା ଭଳି ଅନ୍ୟାନ୍ୟ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ରାଜ କିଶୋର ଜେନା,ସଦର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାନସ ରଞ୍ଜନ ବାରିକୀ ,ଜିଲା ଚିକିତ୍ସା ଅଧିକାରୀ ଅକ୍ଷୟ ଶତପଥି ,ଅଧକ୍ଷା ସରୋଜିନୀ ତରେଇ ,ତହସିଲଦାର ସହଦେବ ସାହୁ ,ଥାନା ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ,ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ,ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ ବଳିୟାର ସିଂହ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ବେଗା ହାଁସଦା, ଅମୀୟ କୁମାର ପଣ୍ଡା, ବିପ୍ଳବ କେଶରୀ ପ୍ରଧାନ, ରାଜସ୍ୱ ସହାୟକ କାଶିମ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

## ପଇସା ମାଗିବାକୁ ଯାଇ ବୃଦ୍ଧା ମହିଳା ନିଖୋଜ, ଥାନାରେ ଅଭିଯୋଗ

ଅନୁଗୋଳ,(ମହାଭାରତ) :ଧାର ଦେଇଥିବା ଟଙ୍କା ମାଗିବାକୁ ପଡୋଶୀଙ୍କ ଘରକୁ ଯାଇଥିବା ଜଣେ ବୃଦ୍ଧା ନିଖୋଜ ହୋଇଥିବା ଘଟଣା ଅନୁଗୋଳ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଜୋରଦାର କରିଥିବାବେଳେ ଜଣେ ଦମ୍ପତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସୂଚନା ଅନୁଯାୟୀ,ବଣ୍ଡଁରପାଳ ବ୍ଲକ ଗିରାଙ୍ଗ ବାଲିସାହିର ସୁସମା ସାମଲ (୫୫) ସେହି ଗ୍ରାମରେ ବସବାସ କରି ରହୁଥିବା ବିଜୟ ଗଡନାୟକଙ୍କୁ ଧାର ସୂତ୍ରରେ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ଦୀର୍ଘଦିନ ଧରି ଟଙ୍କା ଫେରସ୍ତ ନମିଳିବାରୁ ସେ ବାରମ୍ବାର ବିଜୟଙ୍କ ଘରକୁ ଯାଉଥିବା କୁହାଯାଉଛି। ଏହାକୁ ନେଇ ସେ ମାନସିକ ଚାପରେ ମଧ୍ୟ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।ଆଜି ସକାଳେ ବିଜୟ ଟଙ୍କା ଫେରାଇବେ ବୋଲି କହିବା ପରେ ସୁସମା ତାଙ୍କ ଘରକୁ ଯାଇଥିଲେ। ହେଲେ ଦୀର୍ଘସମୟ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପୁଅ ରଞ୍ଜନ ସାମଲ ଥାନାରେ ନିଖୋଜ ଅଭିଯୋଗ କରିଥିଲେ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସିସିଟିଭି ଫୁଟେଜ୍? ଯାଞ୍ଚ କରିଥିଲା।

## ବାଲିପାଟଣା ଥାନା ଅଧିକାରୀଙ୍କ ବଦଳି କେବେ ?

ବାଲିପାଟଣା, (ମହାଭାରତ) : ରାଜଧାନୀ ଉପକଣ୍ଠରେ ଆଇନ ଶୃଙ୍ଖଳା ଏବେ ‘ଆଇସିୟୁ’ରେ। ବାଲିଅନ୍ତାରେ ସୌମ୍ୟ ହତ୍ୟାକାଣ୍ଡ ପରେ ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଇ ପ୍ରଶାସନ ନିଜର ‘ଆକ୍ସନ ମୋଡ୍’ ଦେଖାଇବାକୁ ଚେଷ୍ଟା କରିଛି। କିନ୍ତୁ ପ୍ରଶ୍ନ ଉଠୁଛି, ନିଶା କାରବାରକୁ ନେଇ ବାଲିପାଟଣାରେ ଘଟିଥିବା ପରବର୍ତ୍ତୀ ହତ୍ୟାକାଣ୍ଡ ପାଇଁ କିଏ ଦାୟୀ ? ବାଲିଅନ୍ତା ଥାନା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲା, ହେଲେ ବାଲିପାଟଣା ଥାନା ଅଧିକାରୀଙ୍କୁ କାହିଁକି ଅଭୟ ପ୍ରଦାନ ? ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।ଅପରାଧ ଘଟିବା ପରେ କେବଳ ଥାନା ଅଧିକାରୀଙ୍କୁ ବଦଳି କରିଦେଲେ ଅପରାଧୀଙ୍କ ମନରେ ଭୟ ଆସିବ କି ? ବାଲିଅନ୍ତା ଘଟଣାରେ ପୋଲିସ କମିଶନରେଟ୍‌ଙ୍କ ତତ୍ପରତାକୁ ନେଇ ସାଧାରଣରେ ପ୍ରଶଂସା ହେଉଥିବା ବେଳେ, ବାଲିପାଟଣା ଘଟଣା ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି। ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଛି, ମାତ୍ର ପ୍ରଶାସନ କେବଳ ବଦଳି ଓ ତଦନ୍ତର ଘେର ମଧ୍ୟରେ ସୀମିତ ରହିଯାଇଛି। ରାଜଧାନୀର ଅତି ନିକଟରେ ଥାଇ ମଧ୍ୟ ବାଲିପାଟଣା ଅଞ୍ଚଳ ଏବେ ଏକ ଅନ୍ଧାରୀ ମୂଳକରେ ପରିଣତ ହେବାକୁ ବସିଛି। ଗୋଟିଏ ପଟେ କ୍ରମାଗତ ହତ୍ୟାକାଣ୍ଡ ଜନସାଧାରଣଙ୍କ ନିଦ ହଜାଇ ଦେଇଥିବା ବେଳେ, ଅନ୍ୟପଟେ ଖୁଲମଖୁଲା ଚାଲିଥିବା ଅବାଧ ନିଶା କାରବାର ଅଞ୍ଚଳର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭୁଶୁଡ଼ାଇ ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲିପାଟଣା ଆଜି ଅପରାଧୀଙ୍କ ପାଇଁ ଏକ ‘ସେଫ୍ ଜୋନ୍’ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।ବାଲିପାଟଣାର ଗଳି କନ୍ଦିରେ ଏବେ ବ୍ରାଉନସୁଗାରଠାରୁ ଆରମ୍ଭ କରି ଚୋରା ମଦର ଆସର ଜମୁଛି। ଯୁବପିଢ଼ି ନିଶା କବଳରେ ପଡ଼ି ନିଜର ଭବିଷ୍ୟତ ଅନ୍ଧାରକୁ ଠେଲି ଦେଉଥିବା ବେଳେ, ଏହି ନିଶା ଟଙ୍କା ପାଇଁ ହିଁ ଅଞ୍ଚଳରେ ଚୋରି, ଛିନତାଇ ଏବଂ ହତ୍ୟା ଭଳି ଜଘନ୍ୟ କାଣ୍ଡ ଘଟୁଛି। ଅଭିଯୋଗ ହେଉଛି ଯେ, ସ୍ଥାନୀୟ ପୋଲିସ ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି। ଗାଁ ଗାଁରେ ମଦ ଓ ଡ୍ରଗ୍ସ ମିଳୁଥିବା ବେଳେ ପୋଲିସର ଗୁଇନ୍ଦା ବିଭାଗ କ’ଣ କରୁଛି ? ଅଂଚଳରେ ବ୍ୟାପକ ନିଶା କାରବାର ଓ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୋଲିସ ପକ୍ଷରୁ କୌଣସି ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ ବୋଲି ଚର୍ଚ୍ଚା ହେଉଛି।ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ପାଇଁ ବାଲିପାଟଣା ଥାନା ଅଧିକାରୀ କାହିଁକି ଦାୟୀ ରହିବେ ନାହିଁ ? ବାଲିପାଟଣାରେ ଆଜି ଯେଉଁ ସ୍ଥିତି ଉପୁଜିଛି, ତାହା କୌଣସି ଗୋଟିଏ ଦିନର ଘଟଣା ନୁହେଁ। ଏହା ଦୀର୍ଘ ଦିନର ପ୍ରଶାସନିକ ଶିଥିଳତାର ପରିଣାମ। ଅପରାଧୀଙ୍କ ଦୁଃସାହସ ଏତେ ବଢ଼ିଯାଇଛି ଯେ, ପୋଲିସର ଉପସ୍ଥିତି ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ସାଜୁନାହିଁ। ଯଦି ତୁରନ୍ତ ନିଶା କାରବାର ବନ୍ଦ କରାନଯାଏ ଏବଂ ଦକ୍ଷ ଅଧିକାରୀଙ୍କୁ ଦାୟିତ୍ୱ ଦିଆନଯାଏ, ତେବେ ବାଲିପାଟଣା ଏକ ସାଧାରଣ ଅଞ୍ଚଳରୁ ‘ଅପରାଧ ର ସହର ’ରେ ପରିଣତ ହେବାକୁ ବେଶୀ ସମୟ ଲାଗିବ ନାହିଁ।

## ପାରାଦୀପରେ ପୋଲିସର ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, (ମହାଭାରତ) : ବାଲିଅନ୍ତା ହିଂସା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ଡିଜିଙ୍କ ପରାମର୍ଶ କ୍ରମେ ପୋଲିସ ନିଜ ନିଜ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ିବାକୁ ଜନସାଧାରଣ ଓ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି । ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ ଓ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରାଦୀପରେ ପୋଲିସ ଜନସାଧାରଣଙ୍କୁ ସଚେତନ କରାଉଛି । ଆଜି ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ତରଫରୁ ଲାଇଟ ହାଉସ ବେଳାଭୂମି ଓ ଷଣ୍ଢକୁଦ ବସ୍ତି ଅଞ୍ଚଳରେ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରି ଜନସାଧାରଣଙ୍କୁ ସଚେତନ କରାଯାଇଛି । ଯଦି ନିଜ ଅଞ୍ଚଳରେ କୌଣସି ଅପରାଧିକ କାର୍ଯ୍ୟକଳାପ ଦେଖନ୍ତି କିମ୍ବା ଅପରାଧିକ କାର୍ଯ୍ୟକଳାପ ରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମାଡ଼ ମାରିବା ଘଟଣା ଦୃଷ୍ଟିଗୋଚର ହୁଏ ତେବେ ଆଇନ କୁ ହାତକୁ ନ ନେଇ ସ୍ଥାନୀୟ ଜଟାଧାର ପୋଲିସ କୁ ଖବର ଦେବାକୁ ପୋଲିସ ତରଫରୁ ସୂଚନା ଦିଆଯାଇଛି । ଏ ନେଇ ସମସ୍ତ ଜନସାଧାରଣ ସଚେତନ ହେବା ସହିତ ନିଜ ଅଞ୍ଚଳ ରେ ହିଂସାତ୍ମକ କାର୍ଯ୍ୟକଳାପ କୁ ପ୍ରଶୟ ଦିଅନ୍ତୁ ନାହିଁ କିମ୍ବା ନିଜେ ଏଥିରେ ସାମିଲ ନ ହେବାକୁ ପୋଲିସ ତରଫରୁ ସଚେତନ କରାଯାଇଛି ।




## ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ୧୧୧ତମ ଜନ୍ମ ବାର୍ଷିକୀ ପାଳନ



ଖୋର୍ଦ୍ଧା, (ମହାଭାରତ) : ସଚ୍ଚି ରାଉତରାୟ ସାହିତ୍ୟ ସଂସଦ ଆନୁକୁଲ୍ୟରେ କାଳଜୟୀ କବିତା ‘ ଛୋଟ ମୋର ଗାଆଁଟି ‘ରଚୟିତା ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ତାଙ୍କ ଜନ୍ମ ସ୍ଥାନ ଗୁରୁଜଙ୍ଗ ଦେଓ୍ୱାନ୍ ସାହିରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଖୋରଧା ଅଞ୍ଚଳର ଅନେକ କବିମାନେ ଅଂଶ ଗ୍ରହଣ କରି କବିତା ମାଧ୍ୟମରେ ସଚ୍ଚି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ସଂସଦର ସଭାପତି ଗାଳ୍ପିକା ଶ୍ୱେତ ପଦ୍ମାସିନୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ସଂସଦର ମୁଖପତ୍ର ‘ଶତଦଳ’ ଉନ୍ମୋଚିତ ହୋଇଥିଲା । ଏତଦ୍ ବ୍ୟତୀତ କବି ଶ୍ରୀଯୁକ୍ତ ନାରାୟଣ ଦାସ ଙ୍କ କବିତା ପୁସ୍ତକ ’ କାଶତଣ୍ଡି -୪’ ବରେଣ୍ୟ ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସଂସଦର ଉପ-ସଭାପତି ତଥା କବୟିତ୍ରୀ ଆରତୀ ମଞ୍ଜରୀ ଦାଶ ଓ ଅବସରପ୍ରାପ୍ତ ଅଧ୍ୟାପିକା ଶୁଭଦର୍ଶିନୀ ଦେବୀଙ୍କ ପରିଚାଳନା କ୍ରମେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏହି ସାରସ୍ୱତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଗବେଷକ ଶ୍ରୀଯୁକ୍ତ ସତ୍ୟବାଦୀ ବଳିଆରସିଂହ ସ୍ୱାଧୀନତା ସଂଗ୍ରାମରେ କବି ସଚ୍ଚି ରାଉତରାୟଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ସଚ୍ଚି ରାଉତରାୟଙ୍କ ଉପନ୍ୟାସ ‘ ଚିତ୍ରଗ୍ରୀବ ‘ ଠାରୁ ଆରମ୍ଭ କରି ତାଙ୍କ ଗଳ୍ପ ସାମ୍ରାଜ୍ୟ ଓ କବିତାକାଶର ସ୍ୱତନ୍ତ୍ର ବିଭବ ସମ୍ପର୍କରେ ଅବତାରଣା କରି ଓଡ଼ିଆ ସାହିତ୍ୟରେ ପ୍ରାକ୍ ସାରଳା ଯୁଗ ଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ କାବ୍ୟାଦର୍ଶର ସଂକ୍ଷିପ୍ତ ଚିତ୍ର ଉପସ୍ଥାପନ କରିଥିଲେ। ସଭାର ମୁଖ୍ୟ ଅତିଥି ତଥା ଖୋରଧା ସାହିତ୍ୟ ସଂସଦର ପୂର୍ବତନ ସଭାପତି ଶ୍ରୀଯୁକ୍ତ ବୈକୁଣ୍ଠନାଥ ରାଜଗୁରୁ ସଚ୍ଚି ରାଉତରାୟଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କବିଙ୍କ ରାଜନୈତିକ ଜୀବନ ଓ ପଲ୍ଲୀ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ।ଐତିହାସିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଦାସ ତାଙ୍କ ଅଭିଭାଷଣରେ ସଚ୍ଚି ରାଉତରାୟଙ୍କ ଗଳ୍ପରେ କୈଶୋର ଜୀବନର ପ୍ରେମ ଓ ଅନ୍ୟାନ୍ୟ ଭାବଧାରା ବିଷୟରେ କହିଥିଲେ। କବିଙ୍କ ସାହିତ୍ୟ କିପରି ଅଧିକ ଜନାଦୃତ ହୋଇପାରିବ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସଚ୍ଚି ରାଉତରାୟଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ନେଇ ତତ୍ପରତା ପ୍ରକାଶ କରିବାକୁ ଉପସ୍ଥିତ ସଚ୍ଚି ରାଉତରାୟ ପ୍ରେମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ଗୁରୁଜଙ୍ଗ ଗ୍ରାମର ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ହରିକୃଷ୍ଣ ପ୍ରଧାନ, ବାଇଧର ମହାପାତ୍ର ଓ ଅକ୍ଷୟ ସାହୁଙ୍କୁ ମରଣୋତ୍ତର ଶତଦଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିଙ୍କ ସ୍ମୃତିଚାରଣ କରିବାକୁ ଯାଇ ଉପ-ସଭାପତି ଆରତୀ ମଞ୍ଜରୀ ଦାଶ ତାଙ୍କ ସୁପ୍ରସିଦ୍ଧ ବାଜିରାଉତ କବିତା ଆଲୋଚନା କରିଥିଲେ। ସଚ୍ଚି ସାହିତ୍ୟପ୍ରେମୀ ମାନଙ୍କ ଉପସ୍ଥିତିରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ, ସ୍ତମ୍ଭକାର ତଥା ଆଧ୍ୟାପକ ତୁଷାର ରଞ୍ଜନ ପାଲଟାସିଂ ଓ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭ୍ୟ ତଥା ସମାଜସେବୀ ଜୟନ୍ତ ମହାନ୍ତି, ଅନୁପମ ମହାନ୍ତି, ଚିତ୍ରଶିଳ୍ପୀ ତଥା କବି ଶ୍ରୀକାନ୍ତ ପାଣିଗ୍ରାହୀ ଓ ଶ୍ରୀ ବିଭୂତି ସେନାପତି। ସଭା ସଂଯୋଜନା କରିଥିଲେ କବୟିତ୍ରୀ ଯଶସ୍ୱିନି ସାହୁ। ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ସଚ୍ଚି ରାଉତରାୟ ଙ୍କ ବିପ୍ଳବୀ କବିତା ‘ବାଜିରାଉତ ‘ ଠାରୁ ଆରମ୍ଭ କରି ‘ଛୋଟ ମୋର ଗାଁ ଟି ‘ ଉପରେ ଆଲୋଚନା ରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଭବାନୀ ପ୍ରସାଦ କର ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସାହୁ।

## ଜୀବିକା ପାଇଁ ଆମେ ଶିଳ୍ପ ଚାହୁଁ : ଶାନ୍ତ ଢ଼ିଙ୍କିଆରେ ଅଶାନ୍ତି ସୃଷ୍ଟି ନକରିବାକୁ ଯୁବଗୋଷ୍ଠୀଙ୍କ ଆହ୍ୱାନ

ପାରାଦୀପ, (ମହାଭାରତ) : ଢ଼ିଙ୍କିଆ ଚାରିଦେଶ ରେ ଜିନ୍ଦଲ ଷ୍ଟିଲ ପ୍ରକଳ୍ପ କୁ ନେଇ କଂଗ୍ରେସ ବିରୋଧ କରିବା ଏବଂ ଢ଼ିଙ୍କିଆ ଗ୍ରାମରୁ ରାଜଧାନୀ ଅଭିମୁଖେ ଗାନ୍ଧୀପଥେ ନ୍ୟାୟଯାତ୍ରା କାର୍ଯ୍ୟକ୍ରମକୁ ଘୋର ବିରୋଧ କରିଛନ୍ତି ଢ଼ିଙ୍କିଆ ଗୋବିନ୍ଦପୁର ଗ୍ରାମର ଯୁବକ ମାନେ । ଗୋବିନ୍ଦପୁର ଗ୍ରାମର ସୁନାମି ଆଶ୍ରୟସ୍ଥଳ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜାତୀୟ କଂଗ୍ରେସ ର କାର୍ଯ୍ୟକ୍ରମ କୁ ବିରୋଧ କରିଛନ୍ତି ଗ୍ରାମର ଯୁବକ ମାନେ । ଧାନ, ପାନ ମୀନ ର ନାରା ଦେଇ ଜାତୀୟ କଂଗ୍ରେସ ର ନେତାମାନେ ଯାହା ଦରଦ ଦେଖାଉଛନ୍ତି ତାହା ଲୋକ ଦେଖାଣିଆ। ଏଠି ପିସିସି ସଭାପତି ଙ୍କର କଣ କାମ ଅଛି । ଯେଉଁ କାର୍ଯ୍ୟକ୍ରମ କରିଥିଲେ ସେଥିରେ ସ୍ଥାନୀୟ ବାସିନ୍ଦା କେତେଜଣ ସାମିଲ ଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଧାନ ଜମିରେ



ଜିନ୍ଦଲ ପ୍ରକଳ୍ପ ହେଉନାହିଁ, ବାକି ରହିଲା ମୀନ କଥା, ଜିନ୍ଦଲ ରେ କୌଣସି ନଦୀ ଯାଉନାହିଁ, କାହିଁକି ଲୋକମାନଙ୍କୁ କଂଗ୍ରେସ ର ନେତାମାନେ ଭୁଆଁ ବୁଲାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ । ଆଜି ସମୟ ପରିବର୍ତ୍ତନ ହୋଇଛି । ଜିନ୍ଦଲ ପ୍ରକଳ୍ପ ଆସିବା ପରେ ଆମ ଅଞ୍ଚଳର ଉନ୍ନତି ହୋଇଛି, ଆମ ପିଲାମାନଙ୍କୁ ନିଯୁକ୍ତି ମିଳିଛି, ସେମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଅଯଥାରେ ସେମାନଙ୍କୁ ଭ୍ରମିତ ନ କରି ନେତାଙ୍କ ମନ୍ଦ ଉଦ୍ଦେଶ୍ୟକୁ ଆମ ଢ଼ିଙ୍କିଆ ଚାରିଦେଶ ବାସିନ୍ଦା ଭଲ ଭାବରେ ଜାଣିଛନ୍ତି। ତେଣୁ ଆମେ ଆଜି ଶିଳ୍ପ କୁ ସ୍ୱାଗତ କରୁଛୁ, ଆଜି ପ୍ରକଳ୍ପ ଆରମ୍ଭ ପର୍ଯ୍ୟାୟ ରେ ସ୍ଥାନୀୟ ଲୋକମାନେ ବ୍ୟବସାୟ କରି ଭଲ ରୋଜଗାର କରୁଥିବା ବେଳେ ଯୋଗ୍ୟତା ଭିତ୍ତି ରେ ନିଯୁକ୍ତି ପାଇ ଆଜି ସ୍ୱାବଲମ୍ବୀ ହୋଇଛନ୍ତି । ଯେଉଁ ପିଲାମାନେ ପାଠ ପଢ଼ିଥିଲେ ସେମାନଙ୍କୁ ମଧ୍ୟ ସେମାନଙ୍କ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେଇଛି ଜିନ୍ଦଲ ଷ୍ଟିଲ । ଆଗକୁ ଅନେକ ସ୍ଥାନୀୟ ଯୁବକ ନିଯୁକ୍ତି ପାଇବେ । ତେଣୁ କଂଗ୍ରେସ ର ବାହାର ନେତା ଆସି ଆମ ଅଞ୍ଚଳରେ ଦେଖାଉଥିବା ଦରଦ ଲୋକ ଦେଖାଣିଆ ଓ ଶସ୍ତା ରାଜନୀତି ବୋଲି ଯୁବକ ମାନେ ଅଭିଯୋଗ କରିଛନ୍ତି । ନିଜ ପକେଟ ଗରମ କରିବାକୁ ଏହା ଏକ ମାଧ୍ୟମ ବୋଲି ସାମ୍ବାଦିକ ସମ୍ମିଳନୀ ରେ ଗୋବିନ୍ଦପୁର ଗ୍ରାମର ପ୍ରବୀର ସାହାଣୀ, ସୁଶାନ୍ତ ନାୟକ, ଦିଲୀପ ଦଳାଇ, ନୀଳକଣ୍ଠ ଖଟୁଆ, ପ୍ରଭାତ ରାଉତ, ସର୍ବେଶ୍ୱର ସ୍ୱାଇଁ, ଅମିତ ସ୍ୱାଇଁ, ସୁଶାନ୍ତ ରାଉତ, ଜଗନ୍ନାଥ ଦାସ, ସାଗର ଦାସ, ଲିଟୁନା ବର୍ଦ୍ଧନ, ନିବାସ ଜେନା, ହୃଷିକେଶ ଦଳାଇ ପ୍ରମୁଖ ପ୍ରକାଶ କରିଛନ୍ତି ।

## ବଣୁଆ ହାତୀକୁ ହଇରାଣ କରିବା ଅଭିଯୋଗରେ ୬ଜଣ ଅଟକ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳରେ ବଣୁଆ ହାତୀ ମାନ ଙ୍କୁ ଠେଙ୍ଗା ରେ ପିଟିବା,ଲାଞ୍ଜ ଟାଣିବା ଓ ଡ୍ରୋନ ସାହାଯ୍ୟ ରେ ବଣୁଆ ହାତୀ ଙ୍କ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରିବା ଭଳି ଅପରାଧ ରେ ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୯ ଏବଂ ୫୨ ଧାରା ଉଲଂଘନ ଅପରାଧ ରେ ୬ଜଣ ଙ୍କୁ ପାଟଣା ବନବିଭାଗ ଅଟକ ରଖି ପଚରାଉଚରା କରୁଛି। ଅଟକ ମାନେ ହେଲେ ଭୁଲୁଦା ଗ୍ରାମ ର ଅଧିକାରୀ ମହାନ୍ତ ଙ୍କ ପୁଅ ବିଶ୍ୱ ରଞ୍ଜନ ମହାନ୍ତ, ପୁଟୁଗାଁ ଗ୍ରାମର ଗୌତମ ମହାନ୍ତଙ୍କ ପୁଅ ରାଜେଶ କୁମାର ମହାନ୍ତ ,ଖୀରେଇଟାଙ୍ଗିରୀ ଗ୍ରାମର ବଂଶୀଧର ମହାନ୍ତଙ୍କ ପୁଅ ବୁବୁନ ମହାନ୍ତ, ତୋରାଣି ପୋଖରୀ ଗ୍ରାମର ପୁରୁଷୋତ୍ତମ ମହାନ୍ତ ଙ୍କ ପୁଅ ରାଜା ମହାନ୍ତ,ମାଣିକ ମୁଣ୍ଡା ଙ୍କ ପୁଅ ମିଥୁନ ମୁଣ୍ଡା, କ୍ଷେତ୍ର ମୋହନ ମହାନ୍ତ ପୁଅ ଆଲୋକ ମହାନ୍ତ ଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା ଜାରିରଖି ଛି।

## ପେପର୍ ଲିକ୍ ହେବା ପ୍ରତିବାଦରେ ଅକ ବିଜୁ ଯୁବ- ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ



ଅନୁଗୋଳ,( ମହାଭାରତ):ବିଜେପି ସରକାର ପେପର୍ ଲିକ୍ ହୋଇ ପରୀକ୍ଷା ବାତିଲ ହେବା ଏକ ନିତିଦିନିଆ ଘଟଣା ହେଲାଣି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରିଥର ନିଟ୍ ପରୀକ୍ଷା ପେପର୍ ଲିକ୍ ହେବା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ୨୩ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହିତ କେନ୍ଦ୍ର ସରକାର ଖେଳୁଛନ୍ତି। ଅନୁରୂପ ଭାବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନୀ ପରିଚାଳନା ସଠିକ୍ କରୁଥିବା ବେଳେ ନିଜର ବିଭାଗର ଦାୟିତ୍ୱ ଠିକ୍ ଭାବେ କାହିଁକି ତୁଲାଇ ପାରୁ ନାହାନ୍ତି। ଶ୍ରୀ ପ୍ରଧାନ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍। ଚଳିତ ବର୍ଷ ନିଟ୍ ପରୀକ୍ଷା ରଦ୍ଦ ହେବା ଓ ପେପର୍ ଲିକ୍ ହେବା ପ୍ରତିବାଦରେ ଅନୁଗୋଳ ବିଜୁ ଯୁବ- ଛାତ୍ର ଜନତା ଦଳ ପକ୍ଷରୁ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣାଭ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଶୁଭ୍ରାଂଶୁ ଶେଖର ଜ୍ରି, ପୂର୍ବତନ ଛାତ୍ର ବିଜେଡ଼ି ସଭାପତି ରାଜୀବ ଲୋଚନ ଦାସ, ରାଜ୍ୟ ଯୁବ ବିଜେଡ଼ି ଉପ ସଭାପତି ସୁଜିତ ଦ୍ୱିବେଦୀ, ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ଶିବାନୀ ଶଙ୍କର ଗୌଡ, କାଉନସିଲର ରଞ୍ଜି ମଣ୍ଡୋଠିଆ, ନଗର ଯୁବ ବିଜେଡି ସଭାପତି ବିଶ୍ୱରଂଜନ ସାହୁ, ନଗର ଛାତ୍ର ବିଜେଡ଼ି ସଭାପତି ଦେବବ୍ରତ ନାଏକ, ସୁଶାନ୍ତ ସିଂହ, ବିଶ୍ୱଜିତ ଦାସ, ପ୍ରବୀଣ ସ୍ୱାଇଁ, ଚିତ୍ତରଞ୍ଜନ ସେନାପତି, ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଗାମାହା ଗାଁର ରୋଗୀଙ୍କୁ ଦୋଳା, ଚାଷୀଙ୍କୁ ଭାର ଭରସା

ଘୁ.ଉଦୟଗିରି : ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ରାସ୍ତା ନଥିବା ଗାଁ ହେଉଛି କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତର ସୁଗାମାହା ଗ୍ରାମ। ରାସ୍ତା ନଥିବା ଗାଁକୁ ଦେଖିଲେ କନ୍ଧମାଳ ଜିଲ୍ଲାର ବିକାଶ କିଭଳି ହୋଇଛି ତାହା ଅନୁମାନ କରିହେବ। ସରକାର ଗାଁର ଉନ୍ନତି ପାଇଁ କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି। ତଥାପି ଆଜି ଏହି ଭଳି କିଛି ଗାଁ ଅଛି ଯେଉଁଠିକୁ ରାସ୍ତା ନାହିଁ। ଏହିଭଳି ଏକ ଗାଁ ଅଛି କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଘୁ.ଉଦୟଗିରି ବ୍ଲକର ଗ୍ରେସିଙ୍ଗିଆ ପଞ୍ଚାୟତ ର ୧ନଂ ୱାର୍ଡର ସୁଗାମାହା ଗ୍ରାମ।ରାଜ୍ୟ ରାଜପଥ ଠାରୁ ତିନି କିମି ଦୂର ଜଙ୍ଗଲ ପାହାଡ଼ ପର୍ବତ ଘେରାରେ ରହିଛି ଏହି ଗାଁ। ଗାଁକୁ ରାସ୍ତା ନାହିଁ। ଚାଲିଚାଲି ଯିବାକୁ ପଡ଼େ। ସୁଗାମାହା ଗ୍ରାମରେ ପ୍ରାୟ ୩୦ପରିବାର ବସବାସ କରୁଛନ୍ତି। ମୋଟ ଜନସଂଖ୍ୟା ପ୍ରାୟ ୨୦୦ହେବ। ସେଇ ଗାଁରେ ପ୍ରାୟ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସମସ୍ତ ଲୋକ ଚାଷ ଉପରେ ନିର୍ଭରଶୀଳ। ନିଜ ଗାଁକୁ ଲାଗି ଥିବା ଜମିରେ ଧାନ, ହଳଦୀ, କାନ୍ଦୁଲ, ଅଦା, ସୋରିଷ ଚାଷ ସହ ବିନ୍ସ,, ଫୁଲକୋବି, ମଟର, ଟମାଟୋ ଭଳି ପରିବା ଚାଷ କରିବା ସହ ପାଖ ଜଙ୍ଗଲକୁ ଯାଇ ଜଙ୍ଗଲଜାତ ଦ୍ରବ୍ୟ ଯଥା ମହୁଲ, ଆମ୍ବ, ପଣସ, ଶାଳ ପତ୍ର, ଶାଳ ମଞ୍ଜି, ସଂଗ୍ରହ କରି ନିଜ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ସୁଗାମାହା ଗ୍ରାମବାସୀଙ୍କ ଦୁଃଖ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ନିଜ ଜମିରୁ ଉତ୍ପାଦିତ ଦ୍ରବ୍ୟ ସହରକୁ ଆଣି ବିକ୍ରି କରିବା ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରୋଗୀ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ନେବା ନିମନ୍ତେ ଖଟିଆ ଏବଂ ଦୋଳା ହିଁ ଏକ ମାତ୍ର ଭରଷା ନାଁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁଛି ନା କୌଣସି ଗାଡି।ମୁଖ୍ୟ ସଡକ ଠାରୁ ସୁଗାମାହା ପର୍ଯ୍ୟନ୍ତ ତିନି କିମି ରାସ୍ତା ବର୍ଷକୁ ଥରେ ଏମଜିଏନଆରଜିଏସ ଯୋଜନାରେ ମାଟି ଖୋଳି ପକା ହେଉଛି ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି।ପୁଣି ବର୍ଷା ହେଲେ ଧୋଇହୋଇଯାଉଛି। ଆସନ୍ତା ବର୍ଷକୁ ସେଇ ସମାନ ଧାରାରେ ସେଇ ଯୋଜନାରେ ପୁଣି ମାଟିପକା କାମ ପୁଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ। ଏହି ଭଳି ଏକ ନିୟମିତ ଧାରାରେ ଚାଲିଛି ରାସ୍ତା କାର୍ଯ୍ୟ। କାହାର ବି ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଆଗ୍ରହ ନାହିଁ।ନିର୍ବାଚିତ ପ୍ରତିନିଧିଙ୍କ ଠାରୁ



ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଯାହାକୁ ପଚାରିଲେ କୁହନ୍ତି ସୁଗାମାହା ଗ୍ରାମର ଏହି ରାସ୍ତା ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ମୁଖ୍ୟ ସଡ଼କ ଠାରୁ ସୁଦାମାହା ଦେଉ ତେଲିଙ୍ଗିଆ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସାତ କିମି ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି।କିନ୍ତୁ କୌଣସି ଫଳ ମିଳୁନି। ସମିତିରେ ମଧ୍ୟ ଏହି ରାସ୍ତା ନିର୍ମାଣ ନିମନ୍ତେ ଦାବି କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ କାମ ହୋଇପାରିନି।ପ୍ରଶ୍ନ ଉଠୁଛି ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ନିଜ ଗାଁକୁ ପକ୍କା ରାସ୍ତାଟିଏ ଦେଖିନଥିବା ସୁଗାମାହା ଗ୍ରାମ ବାସୀ ସରକାରଙ୍କ ଡିଜିଟାଲ ନାରାକୁ କିଭଳି ଗ୍ରହଣ କରିବେ? ଚନ୍ଦ୍ରପୃଷ୍ଠରେ ମଣିଷ ଘର ନିର୍ମାଣ କରି ରହିବା ଯୋଜନା କରୁଛି ଏଠି ଭୂପୃଷ୍ଠରେ ସେଇ ମଣିଷ ନିଜ ଗାଁକୁ ଯିବାକୁ ରାସ୍ତାଟିଏ ପାଇଁ ପ୍ରଶାସନ ସରକାରଙ୍କ ପାଖରେ ନେହୁରା ହେଉଛି ହେଲେ ବି କାହାର ନିଦ ଭାଙ୍ଗୁନି। ଦେଶ ଆଗକୁ ବଢୁଛି ନାରା ଦେଉଥିବା ବେଳେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଆଜିବି ଗାଁ ଲୋକ ଜଙ୍ଗଲୀ ଜୀବନଯାପନ କରୁଥିବା ଦେଖିବାକୁ ମିଳୁଛି। ଆଧୁନିକତା ସ୍ପର୍ଶ କରିନି। ସରକାରୀ ସୁବିଧାରୁ ବଂଚିତ ହୋଇ ଏକ ପ୍ରକାର ଅବହେଳିତ ଅବସ୍ଥାରେ ଜୀବନଯାପନ କରୁଥିବା ବେଳେ ସରକାରୀ କାଗଜ ପତ୍ରରେ ଚାଲିଛି ବିକାଶ। ପ୍ରକୃତ ବିକାଶ କେବଳ ନାରାରେ ଏବଂ ସରକାରୀ ନଥିପାତ୍ରରେ ସୀମିତ ହୋଇ ରହିଯାଇଛି।କେନ୍ଦ୍ର ଏବଂ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ବିକାଶ ର ଦିଗ କେଉଁ ଦିଗକୁ ଗତି କରୁଛି ତାର ଜ୍ୱଳନ୍ତ ଉଦାହରଣ ସୁଗାମାହା ଗ୍ରାମ।

## ୨୪୭ ଲିଟର ବେଆଇନ ମହୁଲି ମଦ ଜବତ, ୧୨ ଗିରଫ



ରାଉରକେଲା: ଦୀର୍ଘଦିନ ପରେ ରାଉରକେଲା ଅବକାରୀ ବିଭାଗ ଧରପଗଡ଼ ଆରମ୍ଭ କରିଛି। ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢଉକରି ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି ମାଗଦାଲି କିସପଟ୍ଟା, ରୁକ୍ମଣୀ ବାର୍ଲା, ସୁଶୀଳା କୁମ୍ଭାର, କମଳା କୁମ୍ଭାର, ଏସ୍. କୁମ୍ଭାର, ଅଜୟ ଓରାମ, ପାହାନା ଓରାମ, ପୁଷ୍ପା ତୀର୍କି, ମିନି ସମାସୀ, ରଙ୍ଗବତୀ କୁମ୍ଭାର, ଶର୍ମିଳା ଓରାମ, ଚୁମନି ଓରାମ। ଅଭିଯୁକ୍ତଙ୍କ ପାଖରୁ ୨୦୩ ଲିଟର ବେଆଇନ ମହୁଲି ମଦ ଓ ଅନ୍ୟ ଜିଲ୍ଲାରୁ ଚୋରାଚାଲାଣ ହୋଇଥିବା ୪୩ ଲିଟର ଭାଟି ମଦ ଜବତ କରାଯାଇଛି।ଉଲ୍ଲେଖଯୋଗ୍ୟ, ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଜି ଚିକଟମାଟି, ବିରଡ଼ା, ଯୋଡ଼ାବନ୍ଧ, ଭାଲୁଲତା ଅଞ୍ଚଳରେ ଅତର୍କିତ ଚଢଉ କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରେ ମହୁଲି ମଦ ରାନ୍ଧୁଥିବାବେଳେ ଅବକାରୀ ପୁଲିସ ସେମାନଙ୍କୁ କାବୁ କରିନେଇଥିଲେ। ତେବେ ଅନ୍ୟ କିଛି ଅଭିଯୁକ୍ତ ପଡ଼ୋଶୀ ଜିଲ୍ଲାର ଭାଟିରୁ ବେଆଇନଭାବେ ଦେଶୀ ମଦ ଆଣି ବିକ୍ରି କରୁଥିବା ସ୍ପଷ୍ଟ ହେବାପରେ ପୁଲିସ ସେମାନଙ୍କୁ ମଧ୍ୟ ଗିରଫ କରିଛି। ଚଢଉରେ ଅବକାରୀ ଇନ୍ସପେକ୍ଟର ମୋହନ ପଧାନ, ଇନ୍ସପେକ୍ଟର ହେମନ୍ତ ମହାନନ୍ଦିଆ, ଏଏସ୍ଆଇ ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ, ଆଲୋକ ପ୍ରଧାନ, ଯୁବରାଜ ବାଗଙ୍କ ସମେତ ହେମ ମଞ୍ଜରୀ ବିଶ୍ୱାଳ, ଗୋବର୍ଦ୍ଧନ ବିଶି, ଆୟେଶା ମିଞ୍ଜ, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ନବୀନ ଭୂୟାଁ, ପ୍ରଦୀପ ଲୁଗୁନ, ବବୁଲ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଭିକ୍ଟୋରିଆ ଡୁଙ୍ଗଡୁଙ୍ଗ, ଟେରେସା ବାର୍ଲା, ଲିଲିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ ପ୍ରମୁଖ ସାମିଲ ଥିଲେ।

## ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ମା ପାଇଁ ଦିନଟିଏ



ପାରଳାଖେମୁଣ୍ଡି:- ପାରଳାର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ମା ପାଇଁ ଦିନଟିଏ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଆକାଂକ୍ଷା ମହିଳା ସଙ୍ଗଠନର ସଭାନେତ୍ରୀ ଶ୍ରୀମତୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଶ୍ରୀମତୀ ଇତିଶ୍ରୀ ମହାପାତ୍ର ଓ ସଂଗଠନର ସମ୍ପାଦିକା ଶ୍ରୀମତୀ ମୀନା କୁମାରୀ ଟହଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଭୁକ୍ତା,ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଓ ମହ□ତ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାତୃମଣ୍ଡଳୀ,ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ଡାକ୍ତର ମୁର୍ମୁ, କବି ଗୌରହରି କରସୁଧା ପଟନାୟକ ତଥା ଉପସ୍ଥିତ ସଦସ୍ୟ ବୃନ୍ଦ କବିତା ପାଠ କରିବା ସହ ମା ପାଇଁ ଦିନଟିଏ ବିଷୟରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ରାଜେନ୍ଦ୍ର କୁମାର ରଥ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶଶୀଭୂଷଣ ପଟ୍ଟନାୟକ ସମସ୍ତ ଅତିଥି ବୃନ୍ଦ, ମାତୃମଣ୍ଡଳୀ, ଉପସ୍ଥିତ ବୁଦ୍ଧିଜୀବୀ ଓ ଗଣମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀ ଗଜପତି ଶାଖା ସଦସ୍ୟ ବୃନ୍ଦ ଗଙ୍ଗାବାଡ ବୁଲି ସମୀକ୍ଷା କଲେ

ଗଜପତି: ଗଜପତି ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ନେତୃତ୍ୱରେ କିଛି ସଦସ୍ୟ ରାୟଗଡ ବ୍ଲକର ଗଙ୍ଗାବାଡ ପଞ୍ଚାୟତ ଯାଇଥିଲେ। ସେଠାରେ ଆନ୍ଧ୍ରପ୍ରଦେଶର ମନମୁଖୀ ଜନଗଣନା ସର୍ଭେ ଚାଲିଥିବାରୁ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗଙ୍ଗାବାଡ ପଞ୍ଚାୟତ ର ଉଭୟ ମାଣିକପାଟଣା ଓ ଗୁଡିଖୁଡି ଗ୍ରାମରେ ଆନ୍ଧ୍ରପ୍ରଦେଶ ସରକାରୀ କର୍ମଚାରୀ ଜନଗଣନା କରିଥିବା ବେଳେ ଗଂଜାମ ଜିଲ୍ଲାର ପାତ୍ରପୁର ବ୍ଲକର ବୁରତାଲ ପଞ୍ଚାୟତ ତରଫରୁ ମଧ୍ୟ ସର୍ଭେ ହୋଇଛି। ପୂର୍ବରୁ ଗଜପତି ଜିଲ୍ଲା ତରଫରୁ ସର୍ବେକ୍ଷଣ କରାଯାଇଥିଲା। ଘର କାନ୍ଥରେ ଲେଖାଥିବା ନମ୍ବରକୁ ଆନ୍ଧ୍ରପ୍ରଦେଶର ସରକାରୀ କର୍ମଚାରୀମାନେ ଲିଭାଇ ସେମାନଙ୍କ ନମ୍ବର ସବୁ ଲେଖିଥିଲେ। ଆଗରୁ ମାଣିକପାଟଣାରେ ଆନ୍ଧ୍ରପ୍ରଦେଶ ତରଫରୁ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି। ନିକଟରେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରି ପୂନର୍ବାର ଆନ୍ଧ୍ରପ୍ରଦେଶର ନମ୍ବର ନିଜ କର୍ମଚାରୀ ମାନଙ୍କ ସହାୟତାରେ ଲିଭାଇ ଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଚଢାଉ କରାଯାଇ ।ଣିଗୋଛା ଥାନା ଅନ୍ତର୍ଗତ କୁଲୁରୁକୁମ୍ପା ଗ୍ରାମର ମୁରଲୀଧର ସାହୁ (୪୬)ଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରିବା ସହିତ ଗିରଫ କରାଯାଇଛି । ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲ ଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ଜଳ ଅଭାବରେ ରବି ଧାନ ଫସଲ ନଷ୍ଟ ପ୍ରତିବାଦ କଂଗ୍ରେସ କର୍ମୀଙ୍କ ଜଳ ସତ୍ୟାଗ୍ରହ



ନୂଆପଡ଼ା : ଚାଷ ଜମିକୁ ଜଳ ଅଭାବରେ ରବି ଧାନ ଫସଲ ନଷ୍ଟ । ପ୍ରତିବାଦରେ ଡ୍ୟାମ ପାଣିରେ ବୁଡ଼ି ଜଳ ସତ୍ୟାଗ୍ରହ । ନୂଆପଡ଼ା ଜିଲ୍ଲା ପତୋରା ଡ୍ୟାମ ପାଣିରେ ବୁଡ଼ି ଜିଲ୍ଲା କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ । ନୂଆପଡ଼ା ଜିଲ୍ଲା ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳ ସଙ୍କଟ ଯୋଗୁଁ ଚାଷୀଙ୍କ ପ୍ରାୟ ୪ ହଜାର ରବିଧାନ ଫସଲ ନଷ୍ଟ ହୋଇଛି ।କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇ ଦେବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ କଂଗ୍ରେସ ଅଭିନବ ଉପାୟରେ ଜଳ ସତ୍ୟାଗ୍ରହ କରିଛି । ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଶତାଧିକ କ୍ଷତିଗ୍ରସ୍ତ ଚାଷୀମାନେ ପତୋରା ଡ୍ୟାମ ପାଣିରେ ବୁଡି ଜଳ ସତ୍ୟାଗ୍ରହ କରିଛନ୍ତି ।କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୩୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ସହାୟତା ଯୋଗାଇ ଦେବା ସହ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛି କଂଗ୍ରେସ । ଯଦି ସରକାର ଦାବି ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି କ୍ଷତିଗ୍ରସ୍ତ ଚାଷୀ ଓ କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି । ସୁରକ୍ଷା ପାଇଁ ଡ୍ୟାମ କୂଳରେ ଧରମବନ୍ଧା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୁତୟନ ହୋଇଛନ୍ତି ।

## ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ପଦାଧିକାରୀ ବୈଠକ

ଉମରକୋଟ (ମହାଭାରତ):ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ନୂତନ ଭାବେ ଚୟନ ହୋଇଥିବା ସମସ୍ତ ଜିଲ୍ଲା ପଦାଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଆଗାମି ଦିନରେ ହେବାକୁଥିବା ପଞ୍ଚାୟତ ନିର୍ବାଚନ କୁ ଦୃଷ୍ଟିରେ ରଖି ପାର୍ଟି ଜିଲ୍ଲାର ବିଭିନ୍ନ ପଦରେ ନୂତନ ଭାବେ ଚୟନ କରିଥିବା ପଦାଧିକାରୀଙ୍କୁ ଆଗାମି ପଞ୍ଚାୟତ ନିର୍ବାଚନ ରେ ବିଜେପିର କିପରି ବିପୁଳ ବିଜୟ ହାସଲ ହେବ ଏବଂ ଏହାର ରଣନୀତି କିପରି ରହିବ। ଏହା ଉପରେ ସମସ୍ତ ଆଗତ ଅତିଥି ବୃନ୍ଦ ଏହା ବିଷୟରେ ସବିଶେଷ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲା ।ତାସହ୍ୱେ ଆଗାମି ଜିଲ୍ଲା ପ୍ରଶିକ୍ଷଣ ବିଷୟରେ ବିଭିନ୍ନ କଥାବସ୍ତୁକୁ ନେଇ ପୂର୍ବପ୍ରସ୍ତୁତି ପ୍ରସ୍ତାବନା ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ସଭାପତି ଶ୍ରୀ କୁଞ୍ଜ ବିହାରୀ ଦାସ, ରାଜ୍ୟ ଉପସଭାପତ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ,ପୂର୍ବତନ କଳାହାଣ୍ଡି ଜିଲ୍ଲା ସାଂସଦ ହିମାଂଶୁ ମେହେର,ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂଙ୍ଗ୍ ଭତ୍ରା, ନବରଙ୍ଗପୁର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ପିକଅପ୍ ଭ୍ୟାନ, ୩ ଗୁରୁତର ୩ ଆହତ

ଆନନ୍ଦପୁର : ଭାରସାମ୍ୟ ହରାଇ ଓଲଟି ପଡିଲା ଶ୍ରମିକଙ୍କୁ ନେଇ ଯାଉଥିବା ପିକଅପ ଭ୍ୟାନ । ୩ ଗୁରୁତର ୩ ଆହତ । ଘସିପୁରା ଥାନା ଦୀପପାଳ ନିକଟରେ ରାସ୍ତା ତଳକୁ ଓଲଟି ପଡିଲା ପିକଅପ ଭ୍ୟାନ । ଦୁର୍ଘଟଣାରେ ପିକଅପରେ ଯାଉଥିବା ୩ ଶ୍ରମିକ ଗୁରୁତର ୩ ଆହତ । ଜର୍ଦାଠାରୁ ଦେଓଗାଁ ଯାଏଁ ହେଉଥିବା ରାସ୍ତାକାମରେ ନିୟୋଜିତ ଶ୍ରମିକମାନେ ଦୀପପାଳ ନିକଟରେ କ୍ୟାମ୍ପ କରି ରହୁଥିଲେ ।ସେମାନେ ଆଜି କାମସାରି ଏକ ପିକଅପ ଯୋଗେ କ୍ୟାମ୍ପକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପିକଅପଟି ରାସ୍ତା ତଳକୁ ଖସିପଡିଥିଲା । ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଜଣକୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ସରକାରଙ୍କ ନିୟମ ବିରୁଦ୍ଧରେ ଯାଇ ପିକଅପରେ କାହିଁକି ଠିକାଦାର ଶ୍ରମିକଙ୍କୁ ନେଉଥିଲେ ତାକୁ ନେଇ ଉଠିଛି ପ୍ରଶ୍ନ ।

## ସ୍ୱର୍ଗତ ହରେକୃଷ୍ଣ ମହାନ୍ତିଙ୍କ ବିୟୋଗ ପଞ୍ଚାୟତ ପାଇଁ ଏକ ଅପୂରଣୀୟ କ୍ଷତି



କପ୍ତିପଦା : କପ୍ତିପଦା - ହରେକୃଷ୍ଣ ମହାନ୍ତି ଙ୍କ ଅକାଳ ବିୟୋଗ ରେ ଗାଁ ମାଟି ଆଜି ସ୍ତବ୍ଧ। ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ନୁଦଡିହା ପଞ୍ଚାୟତ ର ହରେକୃଷ୍ଣ ମହାନ୍ତି ଙ୍କ ଅବଦାନ ବେଶ ଅତୁଳନୀୟ ଥିଲା। ପିଙ୍ଗୁ ଓ ନୁଦଡିହା ରେ ସ୍କୁଲ କଲେଜ, କାଳ ଡ୍ୟାମ ପରି ବିଭିନ୍ନ ଅନୁଷ୍ଠାନ ଗଢିବା ରେ ତାଙ୍କର ଅବଦାନ ରହିଥିଲା। ରାଜନୀତି କ୍ଷେତ୍ର ରେ ବିଭିନ୍ନ ପଦ ପଦବୀ ରେ ରହି ସାଧାରଣ ଜନତା ଙ୍କ ସେବା କରି ଆସୁଥିଲେ। ତାଙ୍କର ଅକାଳ ବିୟୋଗ ରେ ନୁଦଡ଼ିଆ ଓ ପିଙ୍ଗୁ ପଞ୍ଚାୟତ ର ଜନସାଧାରଣ ଏକ ମଟର ସାଇକେଲ ରାଲି ଯୋଗେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ବାହାରି ପିଙ୍ଗୁ ଓ ନୁଦଡିହା ପଞ୍ଚାୟତ ର ବିଭିନ୍ନ ଗାଁ ପରିକ୍ରମା କରିବାପରେ ପଞ୍ଚାୟତ ପ୍ୟାରେଡ ପଡିଆ ଠାରେ ଏକ ସ୍ମୃତି ସଭା ଆୟୋଜନ କରିଥିଲେ। ତେବେ ସେ ନଥିଲେ ବି ତାଙ୍କର ଅତୁଳନୀୟ ଅବଦାନ ସବୁଦିନ ମନେ ରହିବ ବୋଲି ଗ୍ରାମବାସୀ କହିଥିଲେ। ଏହି ସ୍ମୃତିଚାରଣ ସଭାରେ ସ୍ମୃତି କମିଟିର ଆବାହକ ଶଶୀଧର ସ୍ୱାଇଁ, ନକୁଳ ଜେନା, ବସନ୍ତ ଲେଙ୍କା, ନାରାୟଣ ମାରାଣ୍ଡି, ସଦାନନ୍ଦ ବେହେରା, ଭକ୍ତହରୀ ଜେନା, ରାଜୀବ ଦାସ, ମିଥୁନ ମହାନ୍ତି ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଞ୍ଜଳି ସଭା ରେ ସାମିଲ ହୋଇଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପଞ୍ଚାୟତରାଜ ମନ୍ତ୍ରୀ



ବିଶୋଇ:ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଆଜି ବିଶୋଇ ବ୍ଲକ ଗସ୍ତରେ ଆସି ବ୍ଲକ, ପଞ୍ଚାୟତ ସମିତି,ମହିଳା ଓ ଶିଶୁ ବିକାଶ ବିଶୋଇ ଗ୍ରାମ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଉନ୍ନୟନ ମୂଳକ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ।ବ୍ଲକ ଅଞ୍ଚଳର ଉନ୍ନତି ପାଇଁ ବିଭାଗୀୟ ଅଧିକାରୀ ଗଣଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।ବିଭାଗୀୟ ଅଧିକାରୀ ମାନେ ନିଜନିଜ ବିଭାଗରେ ଚାଲିଥିବା ଉନ୍ନତି ମୂଳକ ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ।ଏହି ଅବସରରେ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ଲୋକପ୍ରତିନିଧି ଗଣ ଦାବିପତ୍ର ପ୍ରଦାନକରିଥିଲେ।ବ୍ଲକ କାର୍ଯ୍ୟାଳୟ ର ନୂତନ ଗୃହ ଏବଂ ମରାମତି,ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଶୌଚାଳୟ,ନୂତନ ଗୃହ,ବୈଠକ ଗୃହ,ପାଚେରୀ,ବିଶୋଇ ପଞ୍ଚାୟତରେ ପାର୍କ,ସ୍ମଶାନ ଘାଟ,ପୋଖରୀର ଉନ୍ନତି କରଣ,ଭବ୍ୟ କଲ୍ୟାଣ ମଣ୍ଡପ ଆଦି ମୁଖ୍ୟ କାର୍ଯ୍ୟ କୁ ତ୍ୱରାନ୍ୱିତ କରି କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦା,ପ୍ରକଳ୍ପ ନିର୍ଦ୍ଦେଶକ ମୟୂରଭଞ୍ଜ ଧର୍ମାନନ୍ଦ ବେହେରା, ବିଶୋଇ ଭାରପ୍ରାପ୍ତ ବିଡ଼ିଓ ସୁମନରାଜା ମହାନ୍ତି,ବିଜାତଲା ବିଡ଼ିଓ ବଂଶୀଧର ଖୋସଲା,ତହସିଲଦାର ସତ୍ୟବାନ ନାୟକ,ସିଡିପିଓ ବିଟୁ ଗୁଡ୍ଡୁ,ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି,ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଆନନ୍ଦ କୁମାର ରାମ,ସାଂସଦ ପ୍ରତିନିଧି(ବିଶୋଇ)ଉମାକାନ୍ତ ନନ୍ଦ,ସରପଞ୍ଚ ଇଂ କରୁଣା ସାଗର ମାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବାରାମତିରେ ବିମାନ ଦୁର୍ଘଟଣାଗ୍ରସ୍ତ କ୍ଷୟକ୍ଷତି ହୋଇ ନଥିବା ସୂଚନା

ମହାରାଷ୍ଟ୍ର : ବାରାମତିରେ ଏକ ବିମାନ ଦୁର୍ଘଟଣା ଘଟିଛି । ଟ୍ରେନିଂ ପାଇଁ ବ୍ୟବହାର ହୋଇଥିବା ୨ଟି ଆସନ ବିଶିଷ୍ଟ ବିମାନଟି ବାରାମତିର ଗୋଜୁବାବି ଗାଁରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ବିମାନ ଉଡାଣ ସମୟରେ ଇଞ୍ଜିନ୍ ଖରାପ ହେବା ଯୋଗୁଁ ଏମରଜେନ୍ସି ଲ୍ୟାଣ୍ଡିଂ ପାଇଁ ଚେଷ୍ଟା କରାଯାଇଥିଲା । ସୂଚନାନୁଯାୟୀ, ରେଡ୍ ବାର୍ଡ ଆଭିଏସନର ଏକ ଟ୍ରେନିଂ ବିମାନ ବାରାମତି ବିମାନବନ୍ଦର ନିକଟସ୍ଥ ଗୋଜୁବାବି ଗାଁ ପାଖରେ ଜରୁରୀକାଳୀନ ଅବତରଣ କରିଛି । ପୁଣେ ଗ୍ରାମାଞ୍ଚଳ ପୋଲିସ ଏସପି ସନ୍ଦୀପ ସିଂ ଗିଲ୍ ଙ୍କ ସୂଚନା ଅନୁଯାୟୀ, ବିମାନରେ ଥିବା ଜଣେ ଟ୍ରେନିଂ ବିମାନ ଚାଳକ ସୁରକ୍ଷିତ ଅଛନ୍ତି ଏବଂ ତାଙ୍କୁ କୌଣସି ଗୁରୁତର ଆଘାତ ଲାଗିନାହିଁ । କମ୍ ଉଚ୍ଚତାରେ ଉଡୁଥିବା ସମୟରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ କହିଥିଲେ । ଜରୁରୀକାଳୀନ ଅବତରଣ ସମୟରେ ବିମାନର ଏକ ଅଂଶ ଲାଇଟ ଖୁଣ୍ଟରେ ପିଟି ହୋଇ ଭୂମିରେ କ୍ରାସ୍ କରିଥିଲା । ଅନ୍ୟପଟେ ଘଟଣା ସମ୍ପର୍କରେ ଖବର ପାଇ ପୋଲିସ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଏହି ଘଟଣାର ଆବଶ୍ୟକୀୟ ଅନୁସନ୍ଧାନ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି ।

## ଲେମ୍ବୁ ଚୋରି ପାଇଁ ନାବାଳକକୁ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ଅମାନବୀୟ, ଅମାନୁଷିକ । ଲେମ୍ବୁ ଚୋରି ପାଇଁ ନାବାଳକକୁ ପିଟି ହତ୍ୟା । ବିହାର ନାଳନ୍ଦା ଜିଲ୍ଲାରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା । ଆସ୍ଥାୱାନ ଥାନା ଅଧୀନ ସାକାରଭା ଗାଁରେ ଲେମ୍ବୁଚୋରିକୁ ନେଇ ଗୋଟିଏ ୧୨ ବର୍ଷର ନାବାଳକକୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି । ମୃତକ ସ୍ଥାନୀୟ ଅଞ୍ଚଳର ରାଜକୁମାର ପାସୱାନଙ୍କ ୧୨ ବର୍ଷର ପୁଅ ବୋଲି ଚିହ୍ନଟ କରିଛି ପୋଲିସ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ନାବାଳକ ଜଣକ ଗାଁରେ ପିଲାମାନଙ୍କ ସହିତ ବାଟି ଖେଳୁଥିଲା । ନିକଟରେ ଥିବା ଲେମ୍ବୁ ଗଛରୁ ଏକ ଲେମ୍ବୁ ଖସି ପଡ଼ିବାରୁ କୌତୁହଳ ବଶତଃ ନାବାଳକ ଜଣକ ଲେମ୍ବୁଟିକୁ ଉଠାଇ ନେଇଥିଲା । ଘଟଣାକୁ ନେଇ ଲେମ୍ବୁଗଛ ମାଲିକ ଗୋରଖ ମିଆଁ ଉତ୍ତକ୍ଷୀପ୍ତ ହୋଇ ନାବାଳକକୁ ଠେଙ୍ଗାରେ ଏକ ଶକ୍ତ ପାହାର ମାରିଥିଲା । ନାବାଳକ ମୁଣ୍ଡରେ ପାହାର ବାଜିବାରୁ ଘଟଣାସ୍ଥଳରେ ହିଁ ସଂଜ୍ଞାହୀନ ହୋଇ ପଡ଼ିଥିଲା । ପରବର୍ତ୍ତୀ ସମୟରେ ନାବାଳକକୁ ତୁରନ୍ତ ମେଡିକାଲ ନିଆଯାଉଥିବା ବେଳେ ରାସ୍ତାରେ ହିଁ ନାବାଳକର ମୃତ୍ୟୁ ହୋଇଥିଲା। ସାମାନ୍ୟ ଲେମ୍ବୁକୁ ନେଇ ନାବାଳକୁ ପିଟି ହତ୍ୟା କରାଯାଇଥିବାରୁ ଉତ୍ତ୍ୟକ୍ତ ହୋଇଥିଲେ ଗ୍ରାମବାସୀ। ଅଭିଯୁକ୍ତକୁ ଗିରଫ ସମେତ ତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ମହିଳାମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଫଳରେ ବାଧହୋଇ ପୋଲିସ ଲାଠି ଚାର୍ଜ କରିଥିଲା। ସେପଟେ ଗାଁଲୋକଙ୍କ କବଳରୁ ଅଭିଯୁକ୍ତକୁ ପୋଲିସ ଉଦ୍ଧାର କରି ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି । ଖୁବଶୀଘ୍ର ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ପାକିସ୍ତାନର ଏକ ବଜାରରେ ବୋମା ବିସ୍ଫୋରଣ, ୯ ମୃତ

ପାକିସ୍ତାନ : ପାକିସ୍ତାନର ଖୈବର ପଖତୁନଖ୍ୱାରେ ଏକ ବଜାରରେ ବୋମା ବିସ୍ଫୋରଣ । ବୋମା ବିସ୍ଫୋରଣରେ ଅତିକମରେ ୯ ଜଣଙ୍କର ମୃତ୍ୟୁ ହେବା ସହିତ ୨୪ରୁ ଅଧିକ ଆହତ ହୋଇଛନ୍ତି । ଆଗକୁ ମୃତକଙ୍କ ସଂଖ୍ୟା ବଢିବାରେ ବୋଲି ଅନୁମାନ କରାଯାଉଛି । ପାକିସ୍ତାନୀ ମିଡିଆ ମୁତାବକ, ଖୈବର ପଖତୁନଖ୍ୱାର ଲକ୍କି ମାରୱତ ଜିଲ୍ଲାରେ ଏକ ବଜାରରେ ବିସ୍ଫୋରଣ ହୋଇଛି । ବିସ୍ଫୋରଣରେ ୯ ଜଣଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ମଧ୍ୟରେ ଦୁଇଜଣ ଟ୍ରାଫିକ ପୋଲିସ ଅଧିକାରୀ ଏବଂ ଜଣେ ମହିଳା ଅଛନ୍ତି । ଘଟଣାରେ ୨୪ରୁ ଅଧିକ ଆହତ ହୋଇଛନ୍ତି । ଏକ ରିକ୍ସାରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପରେ ଘଟଣା ସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ମୃତକ ଏବଂ ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରିଥିଲା । ଏହି ବିସ୍ଫୋରଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ ହୋଇନାହାନ୍ତି, କିନ୍ତୁ ସନ୍ଦେହ ହେଉଛି ଯେ, ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)ର ହାତ ରହିଛି । ସୂଚନାଯୋଗ୍ୟ, ମଇ ୯ରେ ବାନ୍ନୁ ଜିଲ୍ଲାରେ ଏକ ସୁରକ୍ଷା ପୋଷ୍ଟ ଉପରେ ଆତ୍ମଘାତୀ ବିସ୍ଫୋରଣ ଏବଂ ବନ୍ଧୁକ ଆକ୍ରମଣରେ ୧୫ ଜଣ ପୋଲିସ ଅଧିକାରୀ ପ୍ରାଣ ହରାଇଥିଲେ ।

## ଗୁରୁଗ୍ରାମର ଘରୋଇ ହସ୍ପିଟାଲରେ ଭର୍ତ୍ତି ହେଲେ ସୋନିଆ ଗାନ୍ଧୀ

ଗୁରୁଗ୍ରାମ: କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ବୁଧବାର ଦିନ ଗୁରୁଗ୍ରାମର ଏକ ପ୍ରମୁଖ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏକ ସାମାନ୍ୟ ଅସ୍ତ୍ରୋପଚାର ପାଇଁ ତାଙ୍କୁ ସେଠାରେ ଭର୍ତ୍ତି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି, ମାତ୍ର ଏହି ଅସ୍ତ୍ରୋପଚାର ସମ୍ପର୍କରେ କୌଣସି ଅଧିକ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ୭୯ ବର୍ଷୀୟା ସୋନିଆ ଗତ କିଛି ବର୍ଷ ଧରି ବାରମ୍ବାର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଏହା ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ସେ ଅସୁସ୍ଥତା ଅନୁଭବ କରିବାରୁ ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଗତ ଜାନୁଆରୀ ମାସରେ ମଧ୍ୟ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ସୋନିଆଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦିଲ୍ଲୀର ପ୍ରଦୂଷଣ ଓ ଶୀତ ଅଧିକ ହେବା ଯୋଗୁଁ ତାଙ୍କର ବ୍ରୋଙ୍କିଆଲ୍ ଆସ୍ଥାମା ସମସ୍ୟା ବୃଦ୍ଧି ପାଇଥିବା ଡାକ୍ତରମାନେ ସେତେବେଳେ ପ୍ରକାଶ କରିଥିଲେ। ଏହା ବ୍ୟତୀତ ୨୦୨୫ ମସିହାରେ ମଧ୍ୟ ପେଟ ଜନିତ ସମସ୍ୟା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେ ଶିମଲା ଏବଂ ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ଅତିକମରେ ତିନିଥର ଭର୍ତ୍ତି ହୋଇଥିଲେ।

## ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ବଡ଼ ଝଟକା, ଏୟାର ଇଣ୍ଡିଆ ବନ୍ଦ କଲା ୧୦୦ ଉଡ଼ାଣ

ନୂଆଦିଲ୍ଲୀ : ଏୟାର ଇଣ୍ଡିଆ ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ବଡ଼ ଝଟକା ଦେଇଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଯୋଗୁଁ ସାରା ବିଶ୍ୱରେ ଇନ୍ଧନ ଅଭାବ ସୃଷ୍ଟି ହୋଇଛି । ଯାହା ଜେଟ୍ ଇନ୍ଧନ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିଛି । ଏୟାର ଇଣ୍ଡିଆ ଜୁନ୍ ମାସରୁ ତିନି ମାସ ପାଇଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ କରିବାର ଘୋଷଣା କରିଛି । ଦିଲ୍ଲୀରୁ ଯେଉଁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ହ୍ରାସ କରାଯାଇଛି ସେଥିରେ ଚିକାଗୋ ଏବଂ ନ୍ୟୁୟର୍କ, ସିଙ୍ଗାପୁର ଏବଂ ସାଂଘାଇ ଭଳି ପ୍ରମୁଖ ସ୍ଥାନ ରହିଛି । ଏୟାର ଇଣ୍ଡିଆ ସାନ ଫ୍ରାନ୍ସିସ୍କୋ, ପ୍ୟାରିସ ଏବଂ ଟୋରଣ୍ଟୋ ଭଳି ପ୍ରମୁଖ ସହରଗୁଡ଼ିକୁ ମଧ୍ୟ ବିମାନ ଉଡ଼ାଣ ହ୍ରାସ କରିଛି । ଏୟାର ଇଣ୍ଡିଆ ପ୍ରତିଦିନ ପ୍ରାୟ ୧୦୦ଟି ବିମାନ ଉଡ଼ାଣ ହ୍ରାସ କରିଥିବା ଜଣାପଡ଼ିଛି । ବଢୁଥିବା ଆର୍ଥିକ ଚାପ ଏବଂ ପରିଚାଳନାଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ, ଏୟାର ଇଣ୍ଡିଆ ଏଭଳି ନିଷ୍ପତ୍ତି ନେଇଛି । ଏୟାର ଇଣ୍ଡିଆର ସିଇଓ ୱିଲସନ୍ କର୍ମଚାରୀମାନଙ୍କୁ କହିଥିଲେ ଯେ, ଏୟାରଲାଇନ୍ସ କର୍ମଚାରୀମାନଙ୍କୁ ଅନେକ ଉଲ୍ଲଂଘନରେ ଜଡିତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛଟେଇ କରିଛି । ଯେଉଁଥିରେ କର୍ମଚାରୀ ଲିଜର ଟ୍ରାଭେଲ୍ ସିଷ୍ଟମର ଅପବ୍ୟବହାର, ବିମାନରେ ସାମଗ୍ରୀ ଚୋରା ଚାଲାଣ ଏବଂ ଉପଯୁକ୍ତ ଶୁଳ୍କ ବିନା ଅତିରିକ୍ତ ସାମଗ୍ରୀ ନେବାକୁ ଅନୁମତି ଦେବା ଘଟଣା ରହିଛି ।

# ଯୁଦ୍ଧ ଲମ୍ବା ଚାଲିଲେ ତେଲ ଦର ବଢ଼ିବ: ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ସାରା ବିଶ୍ୱରେ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହୋଇଛି। କିନ୍ତୁ ଭାରତରେ ଆଜି ପର୍ଯ୍ୟନ୍ତ ତାହା ସ୍ଥିର ରହିଛି। ଦେଶରେ ଚାଲିଥିବା ବିଧାନସଭା ନିର୍ବାଚନ ଶେଷ ହୋଇଯାଇଥିବାରୁ ସରକାରଙ୍କ ଉପରେ ବିଶେଷ ଚାପ ନାହିଁ। ଏପଟେ ତୈଳ କମ୍ପାନିଗୁଡ଼ିକ ବଜାର ଦରଠାରୁ କମ୍ ଦାମ୍‌ରେ ତେଲ ବିକ୍ରି କରୁଥିବାରୁ ଦିନକୁ ୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହୁଛନ୍ତି। ଏଭଳି ଏକ ସମୟରେ ତେଲ ଦର ନିଶ୍ଚିତ ବଢ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହି ଚର୍ଚ୍ଚାରେ ଯୋଡ଼ି ହୋଇ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ନିଜର ମତ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଯୁଦ୍ଧ ଲମ୍ବା ସମୟ ଚାଲିବ ତେବେ ତେଲ ଦର ବଢ଼ାଇବାକୁ ପଡ଼ିବ। ଦରବୃଦ୍ଧି ପାଇଁ କେବଳ ସମୟକୁ ଅପେକ୍ଷା ବୋଲି ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତାହାର ପ୍ରଭାବରେ କିଛି ମାସ ହେଲାଣି ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଛି। ତେଲ କମ୍ପାନିଗୁଡ଼ିକୁ ଅଧିକ ଦାମ୍ ଦେଇ ତେଲ କିଣିବାକୁ ପଡୁଛି। ସେମାନଙ୍କ ଉପରେ ପଡ଼ିଥିବା ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ଫଳରେ ସେମାନଙ୍କ ଉପରୁ ୩୦ ହଜାର କୋଟି ଟଙ୍କାର ଆର୍ଥିକ ଚାପ କମ୍ ହୋଇଛି। ଏହାସତ୍ତ୍ୱେ ତେଲ କମ୍ପାନିଗୁଡ଼ିକ ପ୍ରତିଦିନ ବିପୁଳ କ୍ଷତି ସହୁଛନ୍ତି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି। ତେଲ କମ୍ପାନିଗୁଡ଼ିକ ପ୍ରତି ମାସରେ ବାଣିଜ୍ୟିକ ଏଲ୍‌ପିଜି, ଏଟିଏଫ୍ ଓ ଏଭଳିକି ୫ କେଜିଆ ଏଲ୍‌ପିଜି ସିଲିଣ୍ଡର ଦରରେ ବୃଦ୍ଧି କରୁଛନ୍ତି। କିନ୍ତୁ ସେମାନେ ସାଧାରଣ ପରିବାରଗୁଡ଼ିକ ବ୍ୟବହାର କରୁଥିବା ୧୪.୨ କେଜି ବିଶିଷ୍ଟ ଏଲ୍‌ପିଜି ଏବଂ ପେଟ୍ରୋଲ, ଡିଜେଲ ଦରରେ କୌଣସି ବୃଦ୍ଧି କରିନାହାନ୍ତି। ନିକଟରେ ସେମାନେ ବାଣିଜ୍ୟିକ ଏଲ୍‌ପିଜି ଦାମ୍‌ରେ ୯୯୩ ଟଙ୍କା ବୃଦ୍ଧି କରିଥିଲେ।

ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ କହିଥିଲା ଯେ ଯଦି ଅଶୋଧିତ ତେଲ ଦର ଅଧିକ ସମୟ ଉଚ୍ଚା ରହିବ ତେବେ ଭାରତକୁ ଏହାର ପେଟ୍ରୋଲ ଓ ଡିଜେଲ ଦାମ୍ ବଢ଼ାଇବାକୁ ପଡ଼ିବ। କାରଣ ଦୀର୍ଘଦିନ ପର୍ଯ୍ୟନ୍ତ ଦାମ୍ କମ୍ ରଖିବା ପାଇଁ ସରକାରଙ୍କ ପାଖରେ ବିଶେଷ ଆର୍ଥିକ ବଳ ନାହିଁ। କିନ୍ତୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଦେଶବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଅଚାନକ ତେଲ ଦର ବଢ଼ିବ ନାହିଁ। ଗତ ଚାରି ବର୍ଷ ହେଲାଣି ଦେଶରେ ତୈଳ ଦର ସ୍ଥିର ରହିଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ତେଲ ଓ ଗ୍ୟାସ୍ ଅଛି ବୋଲି ସେ କହିଛନ୍ତି। ତେବେ ତେଲ କମ୍ପାନିଗୁଡ଼ିକ ସହୁଥିବା କ୍ଷତିକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ କେତେ ଦିନ ଏଭଳି କ୍ଷତିରେ ଚାଲିପାରିବେ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।




## ମୁଲାୟମ ସିଂହଙ୍କ ପୁଅ ପ୍ରତୀକ ଯାଦବଙ୍କ ଦେହାନ୍ତ

ଉତ୍ତରପ୍ରଦେଶ : ସମାଜବାଦୀ ପାର୍ଟିପ୍ରତିଷ୍ଠାତା ମୁଲାୟମ ସିଂହଙ୍କ ପୁଅ ପ୍ରତୀକ ଯାଦବଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯିବା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହସପିଟାଲରେ ଡାକ୍ତର ତାଙ୍କୁ ଆନୁଷ୍ଠାନିକ ଭାବରେ ମୃତ ଘୋଷଣା କରିଥିଲେ । ପ୍ରତୀକ ଯାଦବ ବିଜେପି ନେତା ଅପର୍ଣ୍ଣା ଯାଦବଙ୍କ ସ୍ୱାମୀ ଥିଲେ । ପ୍ରତୀକ ଯାଦବ ସ୍ୱର୍ଗତ ମୁଲାୟମ ସିଂହ ଯାଦବଙ୍କ ଦ୍ୱିତୀୟ ପତ୍ନୀ ସାଧନାଙ୍କ ପୁଅ । ଅପର୍ଣ୍ଣା ବର୍ତ୍ତମାନ ମହିଳା କମିଶନର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି । ସୂଚନା ଅନୁଯାୟୀ, ପ୍ରତୀକଙ୍କୁ ସକାଳ ୫.୫୫ ରେ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ତାଙ୍କ ଶରୀରକୁ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଛି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ଏବଂ ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ପୁଅ ଏବଂ ବିଜେପି ନେତା ଅପର୍ଣ୍ଣା ଯାଦବଙ୍କ ସ୍ୱାମୀ, ପ୍ରତୀକ ଯାଦବଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ନାସିକରୁ ଧରାପଡ଼ିଲା ନିଟ ମାଷ୍ଟରମାଇଣ୍ଡ ୧୦ ଲକ୍ଷରେ କିଣି ୧୫ ଲକ୍ଷରେ ପ୍ରଶ୍ନପତ୍ର ବିକୁଥିଲା

ନାସିକରୁ ଧରାପଡ଼ିଲା ନିଟ ପ୍ରଶ୍ନପତ୍ର ଲିକ ମାଷ୍ଟରମାଇଣ୍ଡ । ନିଟ-ୟୁଜି ୨୦୨୬ ପରୀକ୍ଷା ଦୁର୍ନୀତି ମାମଲାରେ ପ୍ରଥମ ବଡ଼ ସଫଳତା । ମାମଲାର ତଦନ୍ତ କରୁଥିବା ନାସିକ କ୍ରାଇମବ୍ରାଞ୍ଚ ଜଣେ ୩୦ ବର୍ଷୀୟ ଇଇଗଝ ଛାତ୍ର ଶୁଭମ ଖୈରନାରଙ୍କୁ ଗିରଫ କରିଛି । ରାଜସ୍ଥାନ ପୋଲିସର ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୧୦ ଲକ୍ଷରେ କିଣି ୧୫ ଲକ୍ଷରେ ପ୍ରଶ୍ନପତ୍ର ବିକୁଥିଲା ଶୁଭମ । ଅଭିଯୁକ୍ତ ଶୁଭମ ନାସିକର ଏକ ପ୍ରିଣ୍ଟିଂ ପ୍ରେସରୁ ମେ ୩ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରର ହାର୍ଡ କପି ହାସଲ କରିଥିବା ଅଭିଯୋଗ ହୋଇଛି । ଏହାକୁ ସେ ସୋସିଆଲ ମିଡିଆ ଇନଷ୍ଟାଗ୍ରାମ ଓ ହ୍ୱାଟସ ଆପ ମାଧ୍ୟମରେ ହରିୟାଣା ଏବଂ ଅନ୍ୟ ରାଜ୍ୟର ଲିଙ୍କ୍ ଗୁଡ଼ିକୁ ପଠାଇଥିଲା । ସେ ଏହି 'ଗେସ୍ ପେପର'କୁ ପ୍ରାୟ ୧୦ ଲକ୍ଷ ଟଙ୍କାରେ କିଣିଥିଲା । ଅନ୍ୟମାନଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲା । ଦୁର୍ନୀତିର ଚେର ମହାରାଷ୍ଟ୍ର, ରାଜସ୍ଥାନ ଏବଂ ହରିୟାଣା ପର୍ଯ୍ୟନ୍ତ ଲମ୍ବିଛି । ଏଥିରେ ପ୍ରାୟ ୪୫ ଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ସିବିଆଇର ଚାରୋଟି ସ୍ୱତନ୍ତ୍ର ଟିମ୍ ନାସିକ କ୍ରାଇମ ବ୍ରାଞ୍ଚ ଅଫିସରେ ପହଞ୍ଚି ଶୁଭମକୁ ନିଜ ହେପାଜତକୁ ନେଇଛି । ପରୀକ୍ଷାର ପ୍ରାୟ ୪୨ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ରର ପ୍ରାୟ ୧୨୦ ରୁ ୧୫୦ଟି ପ୍ରଶ୍ନ ମେଳ ଖାଇଥିବାରୁ ପରୀକ୍ଷାକୁ ବାତିଲ କରାଯାଇଛି । ସିବିଆଇ ଏବେ ଶୁଭମକୁଅଧିକ ପଚରାଉଚରା କରି ରାକେଟ୍ ପଛରେ ଥିବା ପ୍ରକୃତ କାର୍ପଟଦାରକୁ ଖୋଜିବାକୁ ଚେଷ୍ଟା ଚଳାଇଛି ।



## ସିବିଏସଇ ଦ୍ୱାଦଶ ଶ୍ରେଣୀ ଫଳାଫଳ ପ୍ରକାଶିତ




ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଦ୍ୱାଦଶ ଶ୍ରେଣୀ ଫଳାଫଳ ଆଜି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀମାନେ ବୋର୍ଡର ସରକାରୀ ୱେବସାଇଟ୍ ମଭଣ୍ଟର.ଶକ୍ଟଙ୍ଗ.ସଭ ଏ ବ ଂ କ୍ୱରଣ୍ଟଙ୍କକ୍ଷଣ୍ଟଣ୍ଟ.ମଭଣ୍ଟର.ଭସମ.ସଭ କୁ ଯାଇ ସେମାନଙ୍କର ଫଳାଫଳ ଓ ମାର୍କସିଟ୍ ଯାଞ୍ଚ କରିପାରିବେ। କେବଳ ୱେବସାଇଟ୍ ନୁହେଁ, ବରଂ ଇଣ୍ଟରନେଟ୍ ସୁବିଧା ନଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଅନ୍ୟ ବିକଳ୍ପ ମାଧ୍ୟମରେ ନିଜର ମାର୍କ ଜାଣିପାରିବେ। 'ଉମଙ୍ଗ' ଆପ୍ ବ୍ୟବହାର କରୁଥିବା ଛାତ୍ରଛାତ୍ରୀମାନେ ଏହାକୁ ଖୋଲି ସର୍ଚ୍ଚ ବକ୍ସରେ 'ସିବିଏସଇ ସେବା' ଖୋଜିବା ପରେ 'କ୍ଲାସ୍ ଦ୍ୱାଦଶ ରେଜଲ୍ଟ' ବିକଳ୍ପ ଉପରେ କ୍ଲିକ୍ କରି ନିଜର ବିବରଣୀ ପ୍ରଦାନ କଲେ ସ୍କ୍ରିନରେ ପ୍ରୋଭିଜନଲ୍ ମାର୍କସିଟ୍ ଦେଖିପାରିବେ ଏବଂ ଏହାକୁ ଡାଉନଲୋଡ୍ ମଧ୍ୟ କରିପାରିବେ।

ଏହା ବ୍ୟତୀତ ଡିଜିଲକର ମାଧ୍ୟମରେ ମଧ୍ୟ ଫଳାଫଳ ଯାଞ୍ଚ କରିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଛ । ତ_ ଛ । ତ_ 1 ମ । 6 ନ ୟସଶସକ୍ଷକ୍ଟମଳରକ୍ସ.ଶକ୍ଟଙ୍ଗ.ସଭ ୱେବସାଇଟ୍ କିମ୍ବା ଆପରେ ନିଜର ଆଧାର କିମ୍ବା ପଞ୍ଜିକୃତ ମୋବାଇଲ୍ ନମ୍ବର ସାହାଯ୍ୟରେ ଲଗଇନ୍ କରିବା ଆବଶ୍ୟକ। ଏହାପରେ ଶିକ୍ଷା ବିଭାଗ ଅଧୀନରେ ଥିବା ସିବିଏସଇ ବିକଳ୍ପକୁ ଚୟନ କରି 'କ୍ଲାସ୍ ଦ୍ୱାଦଶ ମାର୍କସିଟ୍' ଉପରେ କ୍ଲିକ୍ କରିବାକୁ ପଡ଼ିବ। ନିଜର ରୋଲ୍ ନମ୍ବର ଓ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ପୂରଣ କରିବା ମାତ୍ରେ ସ୍କ୍ରିନରେ ମାର୍କସିଟ୍ ପ୍ରଦର୍ଶିତ ହେବ, ଯାହାକୁ ଭବିଷ୍ୟତ ପାଇଁ ସୁରକ୍ଷିତ ଭାବେ ଡାଉନଲୋଡ୍ କରାଯାଇପାରିବ। ବୋର୍ଡ ପକ୍ଷରୁ ଏହି ସମସ୍ତ ପ୍ରକ୍ରିୟାକୁ ଅତି ସହଜ ଓ ଛାତ୍ରଛାତ୍ରୀଙ୍କ ଅନୁକୂଳ କରାଯାଇଛି।

## ଭେନେଜୁଏଲାକୁ ଦଖଲ କରିବା ମୁଡ୍‌ରେ ଟ୍ରମ୍ପ: ୫୧ତମ ରାଜ୍ୟ କହି ପୋଷ୍ଟ କଲେ

ୱାସିଂଟନ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାକୁ ଆମେରିକାର '୫୧ତମ ରାଜ୍ୟ' ଭାବରେ ଚିତ୍ରଣ କରି ଏକ ଗ୍ରାଫିକ୍ ସେୟାର କରିଛନ୍ତି। ସେହିପରି ରୁବିଓଙ୍କ ଏହି ଫଟୋ ଏବେ ଚର୍ଚ୍ଚାରେ ରହିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ଚୀନ୍ ଯାଉଥିବା ସମୟରେ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ୍ ପ୍ଲାଟଫର୍ମରେ ଏହି ଚିତ୍ର ପୋଷ୍ଟ କରିଛନ୍ତି। ଗ୍ରାଫିକ୍‌ରେ ଭେନେଜୁଏଲାର ଏକ ମାନଚିତ୍ର ଦେଖାଯାଇଛି ଯାହା ଉପରେ ଆମେରିକୀୟ ପତାକା ଆଚ୍ଛାଦିତ ହୋଇଥିବା ?ବେଳେ ଏଥିରେ '୫୧ତମ ରାଜ୍ୟ' ଲେଖାଯାଇଛି। ପରେ ହ୍ୱାଇଟ୍ ହାଉସ୍ ଏହାର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ସମାନ ଚିତ୍ର ପୁନଃସେୟାର କରିଛି।

କାରାକାସରେ ଏକ ସାମରିକ ଅଭିଯାନରେ ଆମେରିକୀୟ ସେନା ମାଦୁରୋଙ୍କୁ ବନ୍ଦୀ କରିବାର ମାସକ ପରେ, ଟ୍ରମ୍ପ ଫକ୍ସ ନ୍ୟୁଜ୍ ସହ ଏକ ସାକ୍ଷାତକାର ସମୟରେ ଭେନେଜୁଏଲାକୁ ଏକ ନୂତନ ଆମେରିକୀୟ ରାଷ୍ଟ୍ର କରିବା ବିଷୟରେ ବିଚାର କରୁଥିବା କହିବାର ଗୋଟିଏ ଦିନ ପରେ ଏହି ପୋଷ୍ଟକୁ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଫକ୍ସ ନ୍ୟୁଜ୍ ଅନୁସାରେ, ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲାରେ ୪୦ ଟ୍ରିଲିୟନ ଡଲାର ମୂଲ୍ୟର ତୈଳ ଗଚ୍ଛିତ ଅଛି। ତେଣୁ ସେ ଏହି ନିଷ୍ପତ୍ତି ବିଷୟରେ ବିଚାର କରୁଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଭେନେଜୁଏଲାକୁ ପସନ୍ଦ କରନ୍ତି।

ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ୱେଜ୍ ପୂର୍ବରୁ ଟ୍ରମ୍ପଙ୍କ ଏହି ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ, ଦେଶ ଆମେରିକାର ୫୧ତମ ରାଷ୍ଟ୍ର ହେବା ପାଇଁ କେବେବି ଚିନ୍ତା କରିନାହିଁ। ଆମ ପାଇଁ ସବୁଠାରୁ ପ୍ରିୟ ହେଉଛି ଆମର ସ୍ୱାଧୀନତା। ଟ୍ରମ୍ପଙ୍କ ସଦ୍ୟତମ ପୋଷ୍ଟ ଭେନେଜୁଏଲା ସମ୍ପର୍କରେ ତାଙ୍କର ବକ୍ତବ୍ୟକୁ ନେଇ ବିତର୍କକୁ ବୃଦ୍ଧି କରିଛି। ଚଳିତ ସପ୍ତାହର ଆରମ୍ଭରେ, ସେ କାନାଡା ଏବଂ ଗ୍ରୀନଲ୍ୟାଣ୍ଡ ବିଷୟରେ ପୂର୍ବରୁ ଦେଇଥିବା ସମାନ ମନ୍ତବ୍ୟ ଦେଇ କାନାଡା ଏବଂ ଗ୍ରୀନଲ୍ୟାଣ୍ଡକୁ ମିଶାଇବା ପାଇଁ କହିଛନ୍ତି। ସେହିପରି ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କ୍ୟୁବାକୁ ବିଫଳ ରାଷ୍ଟ୍ର ବୋଲି କହି କହିଛନ୍ତି, କ୍ୟୁବା ସାହାଯ୍ୟ ମାଗୁଛି, ଏବଂ ଆମେ କଥାବାର୍ତ୍ତା କରିବାକୁ ଯାଉଛୁ।




## ୧୦ ବର୍ଷରେ ୮୯ଟି ପେପର ଲିକ୍ ହୋଇଛି: ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଦାବି କରିଛନ୍ତି ଯେ 'ନିଟ୍ ବର୍ତ୍ତମାନ ଏକ ନିଲାମ' ଏବଂ ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତକୁ ରକ୍ଷା କରିବାରେ ସରକାର ବିଫଳ ହେଉଛନ୍ତି।

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) କହିଛି ଯେ ମେ ୩ ତାରିଖ ପରୀକ୍ଷା ସମ୍ପୂର୍ଣ୍ଣ ସୁରକ୍ଷା ପ୍ରୋଟୋକଲ ଅଧୀନରେ କରାଯାଇଥିଲା ଏବଂ ଏହା ଘଟଣାର ଅନୁସନ୍ଧାନ କରୁଥିବା ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସହଯୋଗ କରୁଛି। ରାହୁଲ ଗାନ୍ଧୀ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ୮୯ଟି ଲିକ୍ ଏବଂ ୪୮ଟି ପୁନଃପରୀକ୍ଷା ହୋଇଛି। ତେବେ ସେ ଏହି ଦାବିର କୌଣସି ରିପୋର୍ଟ କିମ୍ବା ପ୍ରମାଣ ଦର୍ଶାଇନାହାନ୍ତି।

ରାହୁଲ ଗାନ୍ଧୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ପରୀକ୍ଷାର ୪୨ ଘଣ୍ଟା ପୂର୍ବରୁ ହ୍ୱାଟ୍ସଆପ୍‌ରେ ଅନେକ ପ୍ରଶ୍ନ ବିକ୍ରି ହେଉଥିଲା। ୨୨ ଲକ୍ଷରୁ ଅଧିକ ପିଲା ବର୍ଷସାରା ନିଦ୍ରାହୀନ ରାତି କଟାଇ ପାଠ ପଢ଼ିଥିଲେ ଏବଂ ଗୋଟିଏ ରାତିରେ ସେମାନଙ୍କ ଭବିଷ୍ୟତକୁ ବଜାରରେ ନିଲାମ କରାଯାଇଥିଲା। ଏହା ପ୍ରଥମ ଥର ନୁହେଁ। ୧୦ ବର୍ଷ ମଧ୍ୟରେ, ୮୯ଟି ପେପର ଲିକ୍ ହୋଇଛି ଓ ୪୮ଟି ପୁନଃ ପରୀକ୍ଷା ହୋଇଛି। ପ୍ରତ୍ୟେକ ଥର ସମାନ ପ୍ରତିଶ୍ରୁତି ଏବଂ ତା'ପରେ ସମାନ ନୀରବତା ବୋଲି ରାହୁଲ କହିଛନ୍ତି। ଭାରତର ଯୁବପିଢ଼ିଙ୍କ ସ୍ୱପ୍ନ ପାଇଁ ମୋଦୀ ସରକାରଙ୍କଠାରୁ ବଡ଼ ବିପଦ ଆଉ କିଛି ନାହିଁ ବୋଲି ସେ କହିଛନ୍ତି।

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟରେ ଥିବା ବେଳେ ରାଜସ୍ଥାନର ପୋଲିସ ସ୍ପେସାଲ ଅପରେସନ୍ସ ଗ୍ରୁପ୍ (ଏସ୍‌ଓଜି) ଅନୁଯାୟୀ ନାଶିକର ଏକ ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଥମେ ପ୍ରଶ୍ନପତ୍ର ଚୋରି ହୋଇ ପରେ ଏହା ଚେନ୍ ନେଟୱର୍କରେ ହରିୟାଣାର ଗୁରୁଗ୍ରାମରେ ଜଣେ ଡାକ୍ତରଙ୍କ ପାଖରେ ପହଞ୍ଚିଥିଲା। ତେବେ ଜୟପୁରର ଜମୱା ରାମଗଡ଼ର ଖତିକ ନାମକ ଜଣେ ବ୍ୟକ୍ତି ଏହି ପ୍ରଶ୍ନପତ୍ରକୁ ଡାକ୍ତରଙ୍କ ନିକଟରୁ କିଣିଥିଲେ। ଏହାପରେ ଜମୱା ରାମଗଡ଼ରୁ ଏହି ପେପରଟି ସିକରର ରାକେଶ କୁମାର ମଣ୍ଡୱାରିଆ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲା। ରାକେଶ ସିକରର ପ୍ରମୁଖ କୋଚିଂ ଅନୁଷ୍ଠାନ ବାହାରେ ଏମବିବିଏସ୍ କାଉନସେଲିଂ ଏଜେଣ୍ଟ ଭାବେ କାମ କରନ୍ତି।



# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ସାଇ ଓ 'ମାଇଁ ଭାରତ'ର ଦେଶବ୍ୟାପୀ ଜନସମ୍ପୃକ୍ତି ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ, ୧୩।୫: ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା (ସିଡବ୍ଲୁ) ୨୦୩୦ ପୂର୍ବରୁ, ଭାରତୀୟ କ୍ରୀଡା ପ୍ରାଧିକରଣ (ଏସଏଆଇ) ମାଇଁ ଭାରତ ସହଯୋଗରେ ତିନୋଟି ଦେଶବ୍ୟାପୀ ସକ୍ରିୟ ସଂପୃକ୍ତି ପଦକ୍ଷେପ ଆରମ୍ଭ କରିଛି।

ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ସାରା ଦେଶରେ ଖେଳୁଆଡ଼ ମନୋଭାବ, ସୃଜନଶୀଳତା ଏବଂ ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅଭିଯାନର ଅଂଶ ସ୍ୱରୂପ, ଅଂଶଗ୍ରହଣକାରୀମାନେ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା', 'ସିଡବ୍ଲୁ ରିଲ୍ ଚ୍ୟାଲେଞ୍ଜ' ଏବଂ 'ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ କୁଇଜ୍'ରେ ଅଂଶଗ୍ରହଣ କରିପାରିବେ। ଏଡି ପ୍ରତିଯୋଗିତା ମାଇଁ ଭାରତ ଉପଭୋକ୍ତାଙ୍କ ପାଇଁ ଖୋଲା ରହିଛି । ଏହା 'ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦'ର ଦୃଷ୍ଟିକୋଣ ବିଷୟରେ ସଚେତନତା ଏବଂ ଉତ୍ସାହ ସୃଷ୍ଟି କରିବାକୁ ଚେଷ୍ଟା କରେ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା' ଭାରତର ସଂସ୍କୃତି, ଐତିହ୍ୟ, ନବସୃଜନ, ସ୍ଥିରତା ଏବଂ କ୍ରୀଡା ଉତ୍କର୍ଷତା ଦ୍ୱାରା ଅନୁପ୍ରାଣିତ ଏକ ମଶାଲ ଡିଜାଇନ୍ କରିବାକୁ ନାଗରିକମାନଙ୍କୁ ଆମନ୍ତ୍ରଣ କରୁଛି। ପ୍ରବେଶଗୁଡ଼ିକ ଡିଜିଟାଲ୍ ମାଧ୍ୟମରେ କିମ୍ବା ହାତରେ ଅଙ୍କିତ ଫର୍ମାଟରେ ୨୦୦ ଶବ୍ଦ ପର୍ଯ୍ୟନ୍ତ ଏକ ଇଚ୍ଛାଧୀନ ଧାରଣା ନୋଟ୍ ସହିତ ଦାଖଲ କରାଯାଇପାରିବ।

ଏହି ପ୍ରତିଯୋଗିତା ୧୧ ମେ' ୨୦୨୬ ରୁ ୨୦ ମେ' ୨୦୨୬ ପର୍ଯ୍ୟନ୍ତ ଅନଲାଇନରେ ଅନୁଷ୍ଠିତ ହେବ । ଅଂଶଗ୍ରହଣକାରୀମାନେ କେବଳ ଗୋଟିଏ ପ୍ରବେଶ ଦାଖଲ କରିପାରିବେ। ମନୋନୀତ ବିଜେତାମାନେ ଫିଟ୍ ଇଣ୍ଡିଆ ହାମ୍ପର ଏବଂ



ସ୍ୱୀକୃତି ପ୍ରମାଣପତ୍ର ପାଇବେ। ଯୋଗ୍ୟ ଅଂଶଗ୍ରହଣକାରୀମାନେ ଡିଜିଟାଲ୍ ଅଂଶଗ୍ରହଣ ପ୍ରମାଣପତ୍ର ପାଇବେ।

'ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲୁ) ରିଲ୍ ଚ୍ୟାଲେଞ୍ଜ', ଅଂଶଗ୍ରହଣକାରୀମାନଙ୍କୁ ଭାରତର ବିକଶିତ କ୍ରୀଡ଼ା ସଂସ୍କୃତି, ସ୍ଥାନୀୟ କ୍ରୀଡ଼ା ଭିତ୍ତିଭୂମି, ଫିଟନେସ୍ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ଆୟୋଜନ ପାଇଁ ଉତ୍ସାହକୁ ପ୍ରଦର୍ଶିତ କରୁଥିବା ମୌଳିକ ରିଲ୍ ତିଆରି କରିବାକୁ ଉତ୍ସାହିତ କରେ।

ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ପାଇଁ ଭାରତର ପ୍ରସ୍ତୁତିକୁ ସମର୍ଥନ କରିବା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ଦଳର ସଫଳତା କାମନା କରିବା ଲାଗି ବାର୍ତ୍ତା ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ଉତ୍ସାହିତ କରାଯାଉଛି। ରିଲ୍ ଅବଧି ୬୦ ସେକେଣ୍ଡରୁ ଅଧିକ ହେବା ଉଚିତ୍ ନୁହେଁ।ଏହି ଚ୍ୟାଲେଞ୍ଜ ୦୭ ମେ' ୨୦୨୬ ରୁ ୧୬ ମେ' ୨୦୨୬ ପର୍ଯ୍ୟନ୍ତ ଚାଲିବ। ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ପ୍ରବେଶ ଅନୁମତି ରହିବ। ଶ୍ରେଷ୍ଠ ପାଂଚ ରିଲ୍ ପ୍ରସ୍ତୁତକାରୀ ଭାରତୀୟ କ୍ରୀଡା ପ୍ରାଧିକରଣ ଠାରୁ ଫିଟ୍ ଇଣ୍ଡିଆ ହ୍ୟାମ୍ପର ପାଇବେ।'ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ କୁଇଜ୍' ଭାରତର କ୍ରୀଡା ଐତିହ୍ୟକୁ ପାଳନ କରେ। ଏହା ରାଜ୍ୟଗୋଷ୍ଠୀ କ୍ରୀଡାରେ ଦେଶର ଯାତ୍ରା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି।

ଏହି କୁଇଜ୍‌ରେ ୫ ମିନିଟ୍ ମଧ୍ୟରେ ୧୦ଟି ବହୁବିକଳ୍ପ ପ୍ରଶ୍ନ ସମାପ୍ତ କରିବାକୁ ପଡିବ। ଅଂଶଗ୍ରହଣକାରୀମାନଙ୍କୁ ଯୋଗ୍ୟତା ହାସଲ କରିବା ପାଇଁ ଅତି କମରେ ୮ ନମ୍ବର ସ୍କୋର କରିବାକୁ ପଡିବ। ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ କେବଳ ଗୋଟିଏ ପ୍ରୟାସ ଅନୁମତିପ୍ରାପ୍ତ।ଏହି କୁଇଜ୍ ୦୯ ମେ' ୨୦୨୬ ରୁ ୨୬ ସେପଟେମ୍ବର ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ପ୍ରତି ସପ୍ତାହରେ ଶ୍ରେଷ୍ଠ ପାଂଚ ଜଣ ବିଜେତାଙ୍କ ନାମ ଘୋଷଣା କରାଯିବ। ଅଂଶଗ୍ରହଣ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ।

ସମସ୍ତ ତିନୋଟି ପ୍ରୟାସ ମାଗଣା ରହିବ ଏବଂ ଏହାର ଲକ୍ଷ୍ୟ ହେଉଛି ଭାରତର କ୍ରୀଡା ଆନ୍ଦୋଳନରେ ସାଧାରଣ ଜନତାଙ୍କ ସହଭାଗୀତାକୁ ବୃଦ୍ଧି କରିବା। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ, ଉତ୍ସାହ ଏବଂ ସୃଜନଶୀଳତା, ଜାତୀୟ ଗୌରବର ଭାବନା ସୃଷ୍ଟି କରିବା ଏବଂ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାର ସଫଳ ଆୟୋଜନ ପାଇଁ ସାମୂହିକ ଉତ୍ସାହକୁ ପ୍ରୋତ୍ସାହିତ କରିବା।

## ଆଇପିଏଲ୍ ଇତିହାସରେ ପ୍ରଥମ ଓଭରରେ ସବୁଠାରୁ ଅଧିକ ରନ୍ କରିଥିବାର ରେକର୍ଡ଼

ମୁମ୍ବାଇ, ୧୩।୫ : ଇଣ୍ଡିଆନ ପ୍ରିମିୟର ଲିଗରେ ନୂଆ ଚିତ୍ର ଦେଖିବାକୁ ମିଳୁଛି । ବ୍ୟାଟର ପ୍ରଥମ ବଲରେ ବାଉଣ୍ଡ୍ରି ମାରିବାକୁ ପ୍ରୟାସ ଲଗାଉଛନ୍ତି । ବୈ?ଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା ଏବଂ ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି



ବିସ୍ଫୋ?ରକ ବ୍ୟାଟର ଏହି ସମୟରେ ପ୍ରଥମ ଓଭରରେ ଏଭଳି ବ୍ୟାଟିଂ କରୁଛନ୍ତି କି ୨୦ ନୁହେଁ ବରଂ ଲାଗୁଛି ଏହା ଯେମିତି ଗୋଟିଏ ଓଭର ଖେଳ । ଏହି କାରଣରୁ ବହୁତ ଟିମ୍ ପାଳିର ଆରମ୍ଭ ଓଭରରେ ହିଁ ଚୌ?କା- ଛକ୍କାର ବର୍ଷା କରୁଛନ୍ତି । ଆସନ୍ତୁ ଜାଣିବା କେଉଁ ଟିମ୍ ପ୍ରଥମ ଓଭରରେ ସବୁଠାରୁ ଅଧିକ ରନ୍ କରିଛନ୍ତି ।

ଆଇପିଏଲ୍ ଇତିହାସରେ ପ୍ରଥମ ଓଭରରେ ସବୁଠାରୁ ଅଧିକ ରନ୍ କରିଥିବା ଟିମ୍ ରାଜସ୍ଥାନ ରୟାଲ୍ସ ଅଟେ । ଯିଏ ୨୦୨୩ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ପ୍ରଥମ ୬ବଲରେ ୨୬ରନ୍ କରିଥିଲେ । ସେହି ଓଭରରେ ଏକାକୀ ଯଶସ୍ୱୀ ଜୟସୱାଲ ୨ଛକ୍କା ଏବଂ ୩ଚୌ?କା ଲଗାଇଥିଲେ। ଏହି ଲିଷ୍ଟରେ ଦ୍ୱିତୀୟ ସ୍ଥାନରେ ଦିଲ୍ଲୀ କ୍ୟାପିଟାଲ୍ସ ଅଛି । ଯିଏ ୨୦୨୧ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ୨୪ରନ୍ କରିଥିଲେ । ଏହି ସିଜନରେ କୋଲକାତା ନାଇଟ୍ ରାଇଡର୍ସର ଫିନ ଏଲନ ଏଭଳି ଭାବେ ବ୍ୟାଟିଂ କଲେ ଯେ କୋଲକାତା ଟିମ୍ ପ୍ରଥମ ଓଭରରେ ୨୪ରନ୍ କରିଥିଲେ । ପଞ୍ଜାବ କିଙ୍ଗ୍ସ ବି ଏହି ଲିଷ୍ଟରେ ସାମିଲ ଅଛି । ଯେଉଁଥିରେ ଆଇପିଏଲ୍ ୨୦୨୬ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପାଳିର ପ୍ରଥମ ଓଭରରେ ୨୨ରନ୍ କରିଥିଲେ, ରାଜସ୍ଥାନ ରୟାଲ୍ସ ବି ଗୋଟିଏ ଓଭରରେ ୨୨ରନ୍ କରିଥିଲେ।

ଏହା ଇଣ୍ଡିଆନ ପ୍ରିମିୟର ଲିଗର ଦ୍ୱିତୀୟ ସିଜନର କଥା ଅଟେ। ଯେତେବେଳେ ରାଜସ୍ଥାନ ରୟାଲ୍ସର ନମନ ଓଝା ବୋଲରଙ୍କ ଉପରେ ପ୍ରହାର କରୁଥିଲେ। ରାଜସ୍ଥାନ କେକେଆର୍ ବିପକ୍ଷ ମ୍ୟାଚରେ ପ୍ରଥମ ଓଭରରେ ୨୧ରନ୍ କରିଥିଲା।

୨୬ ରନ୍- ରାଜସ୍ଥାନ ରୟାଲ୍ସ
୨୪ ରନ୍- ଦିଲ୍ଲୀ କ୍ୟାପିଟାଲ୍ସ
୨୪ ରନ୍- କୋଲକାତା ନାଇଟ ରାଇଡର୍ସ
୨୨ ରନ୍- ରାଜସ୍ଥାନ ରୟାଲ୍ସ
୨୨ ରନ୍- ପଞ୍ଜାବ କିଙ୍ଗ୍ସ।

## ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଦଣ୍ଡିତ

ନୂଆଦିଲ୍ଲୀ, ୧୩।୫: ମନ୍ଥର ଓଭର ରେଟ୍ ବୋଲିଂ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ୍‌ଙ୍କୁ ଦଣ୍ଡିତ ହେବାକୁ ପଡିଛି। ସୋମବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲସ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ୨ ୱିକେଟ୍‌ରେ ବିଜୟୀ ହୋଇଥିଲେ



ମଧ୍ୟ ଅଧିନାୟକ ଅକ୍ଷର ପଟେଲଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଏହା ପ୍ରଥମ ମନ୍ଥର ବୋଲିଂ ଓଭର୍ ରେଟ୍ ହୋଇଥିବାରୁ ଦଣ୍ଡ କମ୍ ରହିଥିଲା। ଅକ୍ଷର ପଟେଲ୍ କିନ୍ତୁ ସୋମବାର ବ୍ୟକ୍ତିଗତ ଭାବେ ଓ ଦଳଗତ ଭାବେ ସଫଳ ହୋଇଥିଲେ। ଚଳିତ ଋତୁରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ସହ ଦଳର ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଡେଭିଡ୍ ମିଲର ମଧ୍ୟ ଅର୍ଦ୍ଧଶତକ ହାସଲ କରି ଦଳର ବିଜୟରେ ଅନ୍ୟତମ ପ୍ରମୁଖ ଖେଳାଳି ହୋଇଥିଲେ। ଦିଲ୍ଲୀ ସୋମବାର ମ୍ୟାଚ୍ ହାରିଯାଇଥିଲେ ପ୍ଲେ ଅଫ୍ ଦୌଡରୁ ବାହାର ହୋଇଯାଇଥାନ୍ତା। ପଏଣ୍ଟ ଟେବୁଲ୍‌ର ସପ୍ତମ ସ୍ଥାନରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିଜ ଶେଷ ଦୁଇ ଲିଗ୍ ୨ ମ୍ୟାଚ୍ ରାଜସ୍ଥାନ ରୟାଲ୍ସ (ମେ' ୧୭) ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ (ମେ' ୨୪) ବିପକ୍ଷରେ ଖେଳିବ।

## ଗୁଜରାଟ ଟାଇଟନ୍ସର ବୃହତ୍ ବିଜୟ

ହାଇଦ୍ରାବାଦ, ୧୩।୫ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଓଚଖ) ୨୦୨୬ ର ୫୬ତମ ମ୍ୟାଚରେ ମଙ୍ଗଳବାର (୧୨ ମେ) ଦିନ ଗୁଜରାଟ ଟାଇଟନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହୋଇ ଥିଲା। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮୨ ରନରେ ଏକ ବଡ଼ ବିଜୟ ହାସଲ କରିଛି। ଗୁଜରାଟ ପକ୍ଷରୁ ଦିଆଯାଇଥିବା ୧୬୯ ରନର ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ ଦଳ ମାତ୍ର ୮୬ ରନରେ ଅଲଆଉଟ୍ ହୋଇଯାଇ ଥିଲା। ଏହି ଧମାକାଦାର ବିଜୟ ସହ ଗୁଜରାଟ ଟାଇଟନ୍ସ ଏବେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି।

ଚଳିତ ସିଜନରେ ଉଭୟ ଦଳର ପ୍ରଦର୍ଶନ ଚମତ୍କାର ରହିଛି। ଗୁଜରାଟ ଟାଇଟନ୍ସ ୧୨ଟି ମ୍ୟାଚରୁ ୮ଟି ଜିତି ୧୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବାବେଳେ, ହାଇଦ୍ରାବାଦ ୧୨ଟି ମ୍ୟାଚରୁ ୭ଟି ଜିତି ୧୪ ପଏଣ୍ଟ ସହ ତାଲିକାର ତୃତୀୟ ସ୍ଥାନରେ ରହିଛି।

ରନକୁ ପିଛା କରିବାକୁ ଓହ୍ଲାଇଥିବା ସନରାଇଜର୍ସ ହାଇଦ୍ରାବାଦର ଆରମ୍ଭ ଅତ୍ୟନ୍ତ ଖରାପ ରହିଥିଲା। ଦଳ ପାୱାରପ୍ଲେ ମଧ୍ୟରେ ହିଁ ୪ଟି ୱିକେଟ୍ ହରାଇଥିଲା। ମହମ୍ମଦ ସିରାଜ ଟ୍ରାଭିସ୍ ହେଡ୍‌ଙ୍କୁ ଶୂନରେ ଆଉଟ୍ କରି ଥିବାବେଳେ, କଗିସୋ ରବାଡା ଅଭିଷେକ ଶର୍ମା (୬), ଇଶାନ କିଷନ (୧୧) ଏବଂ ସ୍ମରଣ ରବିଚନ୍ଦ୍ରନ (୯)ଙ୍କୁ ପ୍ୟାଭିଲିୟନ ପଠାଇ ଥିଲେ। ସଲିଲ ଆରୋରା (୧୬) କିଛି ଭଲ ସଟ୍ ଖେଳିଥିଲେ ମଧ୍ୟ ପ୍ରସିଦ୍ଧ କ୍ରିଷ୍ଣା ତାଙ୍କୁ ଆଉଟ୍ କରି ଥିଲେ।



ଏହାପରେ ଜେସନ ହୋଲ୍ଡର ଗୋଟିଏ ଓଭରରେ ହେନରିକ କ୍ଲାସେନ (୧୪) ଏବଂ ନୀତିଶ କୁମାର ରେଡ୍ଡୀ (୨)ଙ୍କୁ ଆଉଟ୍ କରି ହାଇଦ୍ରାବାଦର ଅଣ୍ଟା ଭାଙ୍ଗି ଦେଇ ଥିଲେ। ଗୁଜରାଟ ପକ୍ଷରୁ ରବାଡା ଓ ହୋଲ୍ଡର ୩ଟି ଲେଖାଏଁ ୱିକେଟ୍ ନେଇଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଏବଂ ରାଶିଦ ଖାନ ଓ ସିରାଜଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ୫ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା। ଅଧିନାୟକ ଶୁଭମନ ଗିଲ୍ (୫) ଏବଂ ଜୋସ୍ ବଟଲର (୭) ଶୀଘ୍ର ଆଉଟ୍ ହେବା ପରେ ନିଶାନ୍ତ ସିନ୍ଧୁ (୨୨) ଏବଂ ସାଇ ସୁଦର୍ଶନ ଇନିଂସ ସମ୍ଭାଳିଥିଲେ। ସାଇ ସୁଦର୍ଶନ ୪୪ଟି ବଲରୁ ୬୧ ରନର (୫ ଚୌକା, ୨ ଛକା) ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଥିଲେ। ଶେଷ ଭାଗରେ ୱାଶିଂଟନ ସୁନ୍ଦର ଧୂଆଁଧାର ବ୍ୟାଟିଂ କରି ୩୩ଟି ବଲରେ ୫୦ ରନ୍ (୭ ଚୌକା, ୧ ଛକା) ସଂଗ୍ରହ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ସାକିବ ହୁସେନ ଓ ପ୍ରଫୁଲ୍ଲ ହିଙ୍ଗେ ସଫଳ ବୋଲର ରହିଥିଲେ। ଆଇପିଏଲ୍ ଇତିହାସରେ ଏହି ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳା ଯାଇଛି। ସେଥି ମଧ୍ୟରୁ ଗୁଜରାଟ ଟାଇଟନ୍ସ ୬ଟି ମ୍ୟାଚ୍ ଜିତି ଥିବାବେଳେ ହାଇଦ୍ରାବାଦ ମାତ୍ର ଗୋଟିଏ ବିଜୟ ପାଇଛି ଏବଂ ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି।

## ନିରବତା ଭାଙ୍ଗିଲେ ଭୁବନେଶ୍ୱର

ମୁମ୍ବାଇ, ୧୩/୫ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଓଚଖ)୨୦୨୬ରେ ନିଜ ଘାତକ ବୋଲିଂରେ ବ୍ୟାଟରଙ୍କୁ ଚିନ୍ତାରେ ପକାଉଛନ୍ତି ଭୁବନେଶ୍ୱର କୁମାର । ସେ ଏବେ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଜଉଇ) ଲାଗି ଭଲ ପ୍ରଦର୍ଶନ କରୁଛନ୍ତି । ଭୁବନେଶ୍ୱର କୁମାର ଏହି ସମୟରେ ପର୍ପଲ କ୍ୟାପର ରେସରେ ଟପରେ ଅଛନ୍ତି ଏବଂ ଲଗାତର ତାଙ୍କ



ଟିମ୍ ଇଣ୍ଡିଆକୁ ଫେରିବାକୁ ଦାବି ଉଠୁଛି । ଏବେ ନିଜେ ଭୁବି ଏହି ପୂରା ମୁଦ୍ଦା ଉପରେ ବହୁତ ଶାନ୍ତ ଏବଂ ସଚ୍ଚୋଟତାର ସହ ଉତ୍ତର ଦେଇଛନ୍ତି ।

ଭୁବନେଶ୍ୱର କୁମାର କହିଛନ୍ତି କି, ଏବେ ସେ ଲମ୍ବା ସମୟରୁ ଲକ୍ଷ୍ୟ କରିବା ଛାଡ଼ି ଦେଇଛନ୍ତି । ସେ ଆରସିବି ତରଫରୁ ସେୟାର କରାଯାଇଥିବା ଭିଡ଼ିଓରେ କହିଥିଲେ କି, ମୁଁ ଭାରତ ଲାଗି ଫେରିବା ବିଷୟରେ ଭାବି ନାହିଁ । ମୁଁ କେତେକ ବର୍ଷ ପୂର୍ବରୁ ଲମ୍ବା ଲକ୍ଷ୍ୟ କରିବା ଛାଡ଼ି ଦେଇଥିଲି କାରଣ ଯେତେବେଳେ ବି ଏଭଳି କରିଛି ସେତେବେଳେ ସବୁକିଛି ସେଭଳି ହୋଇ ନାହିଁ ଯେଭଳି ମୁଁ ଭାବିଥିଲି । ଭୁବି କହିଛନ୍ତି କି ତାଙ୍କ ଲାଗି ସବୁଠାରୁ ବଡ଼ ଖୁସି ଏହା ଅଟେ କି ସେ ଭାରତୀୟ ଟିମ୍ ଲାଗି ଏତେ ମ୍ୟାଚ୍ ଖେଳିଛନ୍ତି ଏବଂ ଏତେ ୱିକେଟ ନେଇଛନ୍ତି । ୩୬ବର୍ଷୀୟ ଭୁବନେଶ୍ୱର କୁମାର ଏହି ସିଜନ ନୂଆ ବଲ୍ ଏବଂ ଡେଥ ଓଭର ଦେବାରେ ବହୁତ ବିପଦଜନକ ନଜର ଆସୁଛନ୍ତି । ସେ ଏବେ ପର୍ଯ୍ୟନ୍ତ ୧୧ମ୍ୟାଚ ଖେଳି ୨୧ୱିକେଟ ନେଇଛନ୍ତି ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପଏଣ୍ଟ ଟେବୁଲରେ ଭଲ ସ୍ଥିତିରେ ପହଞ୍ଚିବାରେ ବଡ଼ ଭୂମିକ ନିଭାଇଛନ୍ତି ।

ଭୁବନେଶ୍ୱର କୁମାର ଏହି ସିଜନରେ ନିଜ ଶାନଦାର ସ୍ୱିଂ ବୋଲିଂ ଲାଗି ଖୁବ୍ ପ୍ରଶଂସା ସାଉଣ୍ଟୁଛନ୍ତି । ନୂଆ ବଲରେ ଉଭୟ ତରଫରୁ ସ୍ୱିଂ କରିବା ଲାଗି ତାଙ୍କ କ୍ଷମତା ବ୍ୟାଟିଂ ଲାଗି ବଡ଼ ଚ୍ୟାଲେଞ୍ଜ ହେଉଛି । ସେହିଭଳି ଡେଥ୍ ଓଭରରେ ବି ତାଙ୍କ ସଠିକ୍ ଲାଇନ୍- ଲେନ୍ଥ ତାଙ୍କୁ ଆଇପିଏଲ୍ ୨୦୨୬ର ସବୁଠାରୁ ଭରସାପୂର୍ଣ୍ଣ ଦ୍ରୁତବୋଲର ହୋଇଯାଇଛନ୍ତି । ଭୁବନେଶ୍ୱର କୁମାର ଶେଷ ଥର ୨୦୨୨ରେ ଭାରତ ଲାଗି ମ୍ୟାଚ୍ ଖେଳିଥିଲେ । ଏହାପରେ ଭାରତୀୟ ଟିମ୍ ଯୁବ ଦ୍ରୁତବୋଲର ଉପରେ ଅଧିକ ଭରସା ଦେଖାଇଥିଲେ । କିନ୍ତୁ ଆଇପିଏଲ୍ ୨୦୨୬ରେ ତାଙ୍କ ଶାନଦାର୍ ଫେରସ୍ତ ପୁଣି ଥରେ ଚୟନକର୍ତ୍ତାଙ୍କ ଧ୍ୟାନ ଟାଣିଥିଲା ।

ଭୁବି କହିଛନ୍ତି କି ଅନ୍ତରାଷ୍ଟ୍ରୀୟ କ୍ରିକେଟ ନ ଖେଳିବାର ଏକ ସୁଫଳ ଏହା ଅଟେ କି ଏବେ ତାଙ୍କୁ ଟ୍ରେନିଂ ଏବଂ ରିକଭରୀ ଲାଗି ଅଧିକ ସମୟ ମିଳିଯାଇଥାଏ । ସେ କହିଛନ୍ତି କି, ମୁଁ ପ୍ରଥମରୁ ବି ସେହି ଜନିଷ କରୁଥିଲି, କିନ୍ତୁ ଏବେ ମୋ ପାଖରେ ଟ୍ରେନିଂ ଏବଂ ରିକଭରି ଉପରେ ଅଧିକ ଧ୍ୟାନ ଦେବାର ସମୟ ଅଛି ।

## ଗ୍ରୀଷ୍ମକାଳିନ କରାଟେ ଟାଇକଣ୍ଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଲାଙ୍ଗିର, ୧୩।୫: ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ପରିସରରେ ଅସିମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ ସଂଗଠନ ବଲାଙ୍ଗିର ଜିଲ୍ଲା କରାଟେ ଓର୍ଗାନାଇଜେସନ ର ସାଧାରଣ ସଂପାଦକ ତଥା ଅନ୍ତର୍ଜାତୀୟ କରାଟେ ମାଷ୍ଟର ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଏହି ସମର କ୍ୟାମ୍ପରେ କରାଟେ, ଟାଇକଣ୍ଡୋ, ଅଗ୍ନିବିର ଟ୍ରେନିଂ, ଯୋଗ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ, ଜୁମ୍ବା, ଲାଠି ଚାଳନା, ନାନଚାକୁ, ଅସ୍ତ୍ରଚାଳନା, ୱେଟ ଲୁଜ ପ୍ରଭୃତି ଟ୍ରେନିଂ ଦିଆଯାଉଥିବା କୋଚ ଅସୀମ କୁମାର ଭୋଇ ପ୍ରକାଶ କରିଛନ୍ତି । ଏହି ଶିବିରରେ କିଶୋରୀ ବାଳିକା ଓ ମହିଳାମମାନଙ୍କ ପାଇଁ ନିଃଶୁଳ୍କ ଆତ୍ମରକ୍ଷା ପ୍ରଶିକ୍ଷଣର ବ୍ୟବସ୍ଥା ଥିବା ସଂଗଠନ ତରଫରୁ ସୂଚନା ଦିଆଯାଇଛି। ଏଥିରେ ୪ ବର୍ଷ ରୁ ୫୩ ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳା ଓ ପୁରୁଷ ପ୍ରଶିକ୍ଷକ ନେଇ ପାରିବେ।



## ରାଜ୍ୟ କିକ୍ ବକ୍ସିଂ ରେ ବଲାଙ୍ଗିରର ସଫଳତା

ବଲାଙ୍ଗିର, ୧୩।୫: ଗଞ୍ଜାମ ର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟଡିୟମ ରେ ମେଇ ମାସ ୬ ତାରିଖରୁ ୯ ତାରିଖ ରେ ଆୟୋଜିତ ୭ମ ଓଡିଶା ରାଜ୍ୟ ଅମେଚର କିକ୍ ବକ୍ସିଂ ଚମ୍ପିୟାନସିପ୍ ରେ ଶେଖର କିକ୍ ବକ୍ସିଂ ଏକାଡେମୀ ର ୧୧ ଜଣ ଖେଳାଳି ଭାଗ ନେଇଥିଲେ । ସିନିୟର ବିଭାଗରେ କ୍ରିଷ୍ଣା ସେଠ ଗୋଟିଏ ସ୍ୱର୍ଣ୍ଣ, ଜୁନିୟର ବିଭାଗରେ କିରନ ସେଠ ଗୋଟିଏ ସ୍ୱର୍ଣ୍ଣ, ଅଭିପ୍ସା



ହୋତା ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ଶିତଲ ସାହୁ ଗୋଟିଏ ରୌପ୍ୟ, ଶ୍ରୀୟା ସାହୁ ଦୁଇଟି କାଂସ୍ୟ, ରିତିକ୍ ସାହୁ, ରାଜୁ ସାହୁ, ମଧୁମିତା ନାଗ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଜିତି ବଲାଙ୍ଗିର ପାଇଁ ଗୌରବ ଆଣିଛନ୍ତି । ଶେଖର କିକ୍ ବକ୍ସିଂ ର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, ମୁରଲି ମହାକୁର ଓ ମଳୟ ରଂଜନ କୁମ୍ଭାର ବିଚାରକ ଓ ରେଫରି କାର୍ଯ୍ୟ ତୁଲାଇଥିଲେ । ଜିଲ୍ଲା ଆମେଚର କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, କରାଟେ ସଂଘର ସଂପାଦକ ହୃଦୟ ଶବର ଓ ଶେଖର କିକ୍ ବକ୍ସିଂ ଏକାଡେମୀର ସଦସ୍ୟ ବଦ୍ରିନାଥ ହୋତା, ସୁରେନ୍ଦ୍ର ସାହୁ, ନିଳାଚଳ ନାହାକ, ହିମାଂଶୁ, ଚୈତନ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## କିଟ୍ ଅନ୍ତର୍ଜାତୀୟ ଚେସ୍‌ରେ ଭାରତର ସର୍ବାଧିକ ପୁରସ୍କାର ରାଶି

ଭୁବନେଶ୍ୱର, ୧୩।୫: ସପ୍ତଦଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଚଳିତ ମେ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟର ଚର୍ଚ୍ଚିତ ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ଠାରେ ଆୟୋଜିତ ହେବ। ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଓ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଭାରତ ତଥା ଏସିଆ ମହାଦେଶର ଏହି ଲୋକପ୍ରିୟ ଚେସ୍ ପ୍ରତିଯୋଗିତାରେ ଭାରତର ସର୍ବାଧିକ ପୁରସ୍କାର ରାଶି ୧.୩୧ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ମଧ୍ୟ ଭାରତୀୟ ଚେସ୍ ଇତିହାସରେ ନୂଆ ମାଇଲ୍‌ଖୁଣ୍ଟ ଯୋଡିବ। ଏଥରର ପ୍ରତିଯୋଗିତାରେ ୪୦ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେଥିମଧ୍ୟରେ ରହିଛନ୍ତି ୮୫ ଟାଇଟଲ୍‌ଧାରୀ। ଏବେ ସୁଦ୍ଧା ୩୦ ଗ୍ରାଣ୍ଡମାଷ୍ଟର୍ସ, ୪୫ଜଣ ଆଇଏମ୍, ୫ଫିଡେ ମାଷ୍ଟର୍, ଜଣେ ମହିଳା ଗ୍ରାଣ୍ଡମାଷ୍ଟର୍ ଓ ୩ଜଣ ମହିଳା ଆଇଏମ୍ ଅଂଶଗ୍ରହଣ କରିବା ଲାଗି ସମ୍ମତି ପ୍ରକାଶ କରି ସାରିଥିବା ଜଣାପଡିଛି। ୨୫୦୦ରୁ ଅଧିକ ରେଟିଂ ପ୍ରାପ୍ତ ବହୁ ଖେଳାଳି ମଧ୍ୟ ଏହି ପ୍ରତିଯୋଗିତାର ଶୋଭାବର୍ଦ୍ଧନ କରିବାକୁ ଯାଉଛନ୍ତି।

ସର୍ବୋଚ୍ଚ ରେଟିଂ ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ରହିଛନ୍ତି ମେକ୍ସିକୋର ମାର୍ଟିନେଜ୍ ଆଲକାଣ୍ଟ୍ରା ଜୋସ୍ ଏଡୁଆର୍ଡୋ (୨୬୫୦)। ଓଡିଶାର ନେତୃତ୍ୱ ଡବ୍‌ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି, ପଦ୍ମିନୀ ରାଉତ ଓ ଆଇଏମ୍ ସମ୍ବିତ ପଣ୍ଡା ପ୍ରମୁଖ। ଆଗାମୀ ସମୟରେ ଅଂଶଗ୍ରହଣକାରୀ ଖେଳାଳିଙ୍କ ସଂଖ୍ୟା ଆହୁରି ବିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଖେଳାଯିବ। ଉଦୀୟମାନ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଥିବା 'ବି' ଓ 'ସି' ବର୍ଗରେ ମୋଟ ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ଯାହା ଗତବର୍ଷର ପୁରସ୍କାର ରାଶିଠାରୁ ଯଥେଷ୍ଟ ଅଧିକ। ଓଡିଶା ଖେଳାଳିମାନେ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ।ସୂଚନାଯୋଗ୍ୟ ଯେ ଗତ ଜାନୁଆରିରେ ଆୟୋଜିତ 'ଓଡିଶା ଓପନ୍ ଅନ୍ତର୍ଜାତୀୟ ଚେସ୍' ପ୍ରତିଯୋଗିତାର ବିଜେତା ଅଭିଜିତ ଗୁପ୍ତାଙ୍କ ପୁରସ୍କାର ରାଶି ଏପର୍ଯ୍ୟନ୍ତ ନମିଳିବା ନେଇ ଜାତୀୟ ସ୍ତରରେ ଓଡିଶାର ଛବି ଖରାପ ହେବା ପରିପ୍ରେକ୍ଷୀରେ କିଟ୍ ପକ୍ଷରୁ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଓଡିଶା ଚେସ୍ ପାଇଁ ଜୀବନ ରେଖା ପାଲଟିଛି। କିଟ୍ ସଫଳତାର ସହ ଏହାର ୧୬ଟି ସଂସ୍କରଣ ଆୟୋଜିତ କରି ସାରିଛି। ଆଗାମୀ ସମୟରେ ଏହି ପ୍ରତିଯୋଗିତାକୁ ଆହୁରି ବ୍ୟାପକ ଓ ବିସ୍ତୃତ କରାଯିବ ବୋଲି କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରକାଶ କରିଛନ୍ତି।

ସେହିଭଳି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସ ଓ ଆଗ୍ରହରେ ଏହି ପ୍ରତିଯୋଗିତା ଭାରତର ଅନ୍ୟତମ ବୃହତ୍ ପ୍ରତିଯୋଗିତାର ମାନ୍ୟତା ଲାଭ କରିଛି ବୋଲି କହିଛନ୍ତି ସେ। ଏହି ପ୍ରତିଯୋଗିତା ବିଶ୍ୱ ଚେସ୍ ଜଗତରେ ଓଡିଶାର ଛବିକୁ ଆହୁରି ଚମକାଇବ ବୋଲି ଶ୍ରୀ ସାମନ୍ତ ମଧ୍ୟ ଦୃ ଆଶା ପୋଷଣ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ